


## ବାରିପଦା ଓ କରଞ୍ଜିଆରେ ନୂଆ ଡିଏଫଓ, ଦୁଇଜଣ ଏସିଏଫ୍‌ଙ୍କ ବଦଳି

**ବାରିପଦା, ୧୫।୩(ସମିସ):** ମୟୂରଭଞ୍ଜ ଜିଲ୍ଲାର ବାରିପଦା ଓ କରଞ୍ଜିଆ ବନଖଣ୍ଡରେ ନୂତନ ବନଖଣ୍ଡ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ନବରଙ୍ଗପୁରର ସହକାରୀ ବନ ସଂରକ୍ଷକ(ଏସିଏଫ) ଅମୁଜୁରେ ଉମା ମହେଶଙ୍କ ଅତିରିକ୍ତ ବନ ସଂରକ୍ଷକ ଭାବେ ପଦୋନ୍ନତି ପାଇ ବାରିପଦା ବନଖଣ୍ଡ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ କେନ୍ଦୁଝର ଜିଲ୍ଲାର ବନ୍ୟପ୍ରାଣୀ ସୁରକ୍ଷା ଅଧିକାରୀ ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ ଘୁମୁସୁର ଉତ୍ତର ଡିଭିଜନ ଏସିଏଫ୍ ସୁବ୍ରତ ପାତ୍ରଙ୍କୁ କରଞ୍ଜିଆ ବନଖଣ୍ଡ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ଏସିଏଫ୍ ତପନ ପରିଡ଼ାଙ୍କ ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ଉତ୍ତର ଡିଭିଜନର ଏସିଏଫ ବୈଦ୍ୟନାଥ ମାଝୀଙ୍କ ରାଉରକେଲା ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କାର୍ଯ୍ୟାଳୟକୁ ଓ ଯଦୁମଣି କେରକେଟ୍ଟା ସମ୍ବଲପୁର ସର୍କଲ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କାର୍ଯ୍ୟାଳୟର ଡିସିଏଫ ଭାବେ ବଦଳି ହୋଇଛି।

### ଆଲୋକିତ ହେବ ବାରିପଦା ସହର

# ୧୭ କୋଟି ଟଙ୍କାରେ ଲାଗିବ ୩୬୦୦ ଷ୍ଟ୍ରିଟ୍ ଲାଇଟ୍

**ବାରିପଦା, ୧୫।୩(ସମିସ)**



ବାରିପଦା ପୌରପାଳିକା ଅଞ୍ଚଳର ପ୍ରତିଟି ଅଞ୍ଚଳକୁ ରାତିରେ ଉଜ୍ଜ୍ୱଳ ଆଲୋକୀକରଣ କରିବା ନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଛି। ସହରବାସୀଙ୍କ ସୁବିଧା ଯୋଗାଇବା ନିମନ୍ତେ ବାରିପଦା ସହରର ସମସ୍ତ ରାସ୍ତା ପାର୍ଶ୍ୱରେ ନୂତନ ଭାବେ ୩୬୦୦ଟି ଷ୍ଟ୍ରିଟ ଲାଇଟ ଲାଗିବାକୁ ଯାଉଛି। ଏନେଇ ପୌରପାଳିକା ପକ୍ଷରୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପ ନଗରପାଳ ସୀମା ଦାସ, ପୌର ଯନ୍ତ୍ରୀ ସଚ୍ଚିଦାନନ୍ଦ ଶତପଥୀ ଏବଂ ସମସ୍ତ ୱାର୍ଡ କାଉନସିଲର ଉପସ୍ଥିତ ଥିଲେ। ସହରର ବହୁ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା ଖରାପ ହେବାରୁ ଅନ୍ଧକାରମୟ ପରିସ୍ଥିତି ସୃଷ୍ଟି ହେଉଥିଲା। ଏହାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ଅନ୍ୟ ସହରାଞ୍ଚଳ ପରି ବାରିପଦା ସହରର ସମସ୍ତ ରାସ୍ତା ପାର୍ଶ୍ୱରେ ଆଲୋକିତ କରିବା ପାଇଁ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରାଯାଇଛି। ୧୭କୋଟି ଟଙ୍କା ବିନିଯୋଗରେ ଏହି ବ୍ୟବସ୍ଥା ପାଇଁ ୩୬୦୦ଟି ନୂତନ ଷ୍ଟ୍ରିଟ ଲାଇଟ ଲାଗିବାକୁ ଯାଉଛି। ଏହା ଦ୍ୱାରା ସହରାଞ୍ଚଳର ୬୦କିଲୋମିଟର ପର୍ଯ୍ୟନ୍ତ ଆଲୋକିତ ହେବ। ବାରିପଦା ପୌରପାଳିକା ଅନ୍ତର୍ଗତ ସମସ୍ତ ୱାର୍ଡ, ବସ୍ତି, ଖେଳ ପଡ଼ିଆ, ଶ୍ମଶାନ, ପାର୍କ ଆଦି ସ୍ଥାନ ଆଲୋକିତ କରିବା ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ସୂର୍ଯ୍ୟ ରୋଷଣୀ' କମ୍ପାନୀ ଦ୍ୱାରା ଉକ୍ତ କାର୍ଯ୍ୟସମ୍ପାଦନ ସହ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବାରିପଦାବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାକୁ ଶୁଭାରମ୍ଭ କାର୍ଯ୍ୟକ୍ରମରେ ପୌର କର୍ମଚାରୀ ଓ ଅନେକ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ଗୋଟିଏ ଦିନରେ ୧୭ ୱାରେଣ୍ଟି କୋର୍ଟ ଚାଲାଣ

**ବେତନଟୀ, ୧୫।୩(ସମିସ):** ବେତନଟୀ ଥାନାରେ ୨୦୦୫ ଏବଂ ୨୦୧୫ ମସିହାରେ ରୁଜୁ ହୋଇଥିବା ଭିନ୍ନଭିନ୍ନ ମାମଲାରେ ଜଡ଼ିତ ମୋଟ ୧୭ ଜଣ ୱାରେଣ୍ଟିଙ୍କୁ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରିଛି ବେତନଟୀ ପୁଲିସ। ୨୦୦୫ରେ ବେତନଟୀ ଥାନାରେ ୬୦ନମ୍ବରରେ ରୁଜୁ ହୋଇଥିବା ମାମଲା ଅଦାଲତରେ ୩୪୦ନମ୍ବରରେ ବିଚାରାଧୀନ ରହିଥିଲା। ମାମଲା ସହ ଜଡିତ ଦହିକୋଟୀ ଉପକଣ୍ଠ ଭ୍ରମରଗୋଡା ଗ୍ରାମର ପରମେଶ୍ୱର ମହାନ୍ତର ସ୍ତ୍ରୀ ବାସନ୍ତୀ ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତର ସ୍ତ୍ରୀ ବାସନ୍ତୀ ମହାନ୍ତ, ସୁଭଦ୍ରା ମହାନ୍ତ, ସୋମବାରୀ ମହାନ୍ତ, ସରସ୍ୱତୀ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଚାମଟୁ ଓରଫ ପରମେଶ୍ୱର ମହାନ୍ତ, କୌଶଲ୍ୟା ମହାନ୍ତ ଏବଂ ଝୁନା ମହାନ୍ତ ପ୍ରମୁଖଙ୍କ ନାମରେ ଅଦାଲତର ଜାରି କରିଥିବା ଜାମିନ ବିହୀନଗିରଫ ପରୱାନା ବଳରେ ଶୁକ୍ରବର ସମସ୍ତ ୱାରେଣ୍ଟିଙ୍କୁ ଗିରଫ କରି ସ୍ୱାସ୍ଥ୍ୟ ପରୀକ୍ଷାପରେ କୋର୍ଟଚାଲାଣ କରାଯାଇଥିଲା। ସେହିଭଳି ୨୦୧୫ରେ ବେତନଟୀ ଥାନାରେ ୫୪ ନମ୍ବରରେ ରୁଜୁ ହୋଇଥିବା ମାମଲା ବିଚାରାଧୀନ ରହିଥିଲା। ଏହି ମାମଲାରେ ଜଡିତ ଭାଗବତ ଚନ୍ଦ୍ରପୁର ଉପକଣ୍ଠ ଓରାଚନ୍ଦାବିଲା ଗ୍ରାମର ଅଜୟ ନାଏକ, ସଚ୍ଚୀନ୍ଦ୍ର ବିନ୍ଧାଣୀ, ଗୀତୁନ ବିନ୍ଧାଣୀ, ମିଥୁନ ବିନ୍ଧାଣୀ, ମନୋରଞ୍ଜନ ବିନ୍ଧାଣୀ, ପୁରୁଷୋତ୍ତମ ବିନ୍ଧାଣୀ, ରଞ୍ଜନ ବିନ୍ଧାଣୀ, ଦେବେନ୍ଦ୍ରନାଥ ବିନ୍ଧାଣୀଙ୍କ ନାମରେ ଅଦାଲତ ଜାରି କରିଥିବା ଜାମିନ ବିହୀନ ଗିରଫ ପରୱାନା ବଳରେ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ।

## ବାଲି ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

ବାରିପଦା, ୧୫।୩(ସମିସ): ଚୋରା ବାଲି ଚାଲାଣ ବେଳେ ବାରିପଦା ଟାଉନ ଥାନା ପୁଲିସ ଗୋଟିଏ ବାଲି ବୋଝେଇ ଟ୍ରକ ଜବତ କରି ଚାଳକ ଜଣକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପାଟ୍ରୋଲିଂ ସମୟରେ ସହରର ସୁନାମୁହିଁ ଛକ ଅଞ୍ଚଳରୁ ବାଲି ବୋଝେଇ ଟ୍ରକକୁ ଅଟକାଇ ପଚରାଉଚରା କରାଯାଇଥିଲା। ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଜାଣିବାପରେ ଥାନାରେ ଏକ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

### ● ପୁରାଣ ଭବନ ଉଦ୍‌ଘାଟିତ

## ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରେ ନିର୍ମିତ



ବାରିପଦା, ୧୫।୩(ସମିସ): ସ୍ଥାନୀୟ ରଘୁନାଥପୁରଠାରେ ଭଞ୍ଜ ସମିତି (ପୁରାଣ ସମାଜ)ର ନୂତନ ଭବନର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଉକ୍ତ ଭବନର ନୂତନ ଗୃହ ନିର୍ମିତ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ପୁରାଣ ସମାଜର ସର୍ବାଙ୍ଗୀନ ଉନ୍ନତୀକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ବାରିପଦାଠାରେ ଜନଶୁଣାଣି କାର୍ଯ୍ୟକ୍ରମ ସମୟରେ ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଆବେଦନ କରିଥିଲେ। ତାଙ୍କର ଦାବିକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ପୁରାଣ ସମାଜର ନୂତନ ଭବନ ନିର୍ମାଣ ନିମନ୍ତେ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବା ବେଳେ ଶୁକ୍ରବାର ତାହାର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରାଣ ସମାଜର ସଭାପତି ଡ. ଛତିଶ ଧଳ, ସ୍ଥାନୀୟ ୱାର୍ଡ କାଉନସିଲର ସୁଧୀର ବାରିକ, ୱାର୍ଡ କାଉନସିଲର ଅନନ୍ତ ଦାସ ପ୍ରମୁଖ ସମେତ ପୁରାଣ ସମାଜର ନେତୃମଣ୍ଡଳୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତଥିଲେ।

## ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**କୁଆମରା, ୧୫।୩(ସମିସ):** ବେଆଇନ ମଦ ବିକ୍ରି କରୁଥିବା ଅଭିଯୋଗରେ ଖୁଣ୍ଟା ଥାନା ପୁଲିସ କେନ୍ଦୁଆମୁଣ୍ଡି ଗ୍ରାମର ରାମଚନ୍ଦ୍ର ହାଁସଦାଙ୍କୁ ଗିରଫ କରିବା ସହ ୩୦ ଲିଟର ଦେଶୀ ମଦ ଜବତ କରିଛନ୍ତି। ଦୀର୍ଘ ଦିନ ଧରି ଲୁଚାଛପା ରେ ମଦ ବିକ୍ରି କରୁଥିବାନେଇ ଅଭିଯୋଗ ହୋଇ ଆସୁଥିଲା। ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

## ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଉଦ୍‌ଘାଟିତ



ବାରିପଦା, ୧୫।୩(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢା ବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇ ଆସୁଥିବା ବଲାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବଲାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଶୁକ୍ରବାର ସ୍ଥାନୀୟ ଦ୍ୱିତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ନିକଟରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବରେ ଡ. ବିଜୟ ଅଗ୍ରୱାଲ, ଡା. କୈଳାଶ ଚନ୍ଦ୍ର ମହାନ୍ତି, ସମାଜସେବୀ ରଜତ କୁମାର ପଣ୍ଡା, କମଳେନ୍ଦୁ ଲାଲ ମହାନ୍ତ, ଇଂ ଶିରୀଶ ହେମ୍ବ୍ରମ, ଇଂ ମନୋଜ ଦଳବେହେରା, ମୂର୍ଚ୍ଛନା ଦାସ ପଟ୍ଟନାୟକ, ପଣ୍ଡିତ ଭାଗବତ ପଣ୍ଡା, ଅଶୋକ ପଲେଇ, ଡ. ଶଶୀଧର ବିଶ୍ୱାଳ, ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ଉମାକାନ୍ତ ରାଉତ, ଅତୁଳ ମହାନ୍ତି, ଉଦୟନାଥ ଜେନା, ଇନ୍ଦୁମତି ମହାନ୍ତି, ବଲାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତଚନ୍ଦ୍ର ନାୟକ ଓ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ଥିଲେ। ବଲାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି ଏବଂ ବଲାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେସ ନାୟକଙ୍କ ତତ୍ତ୍ୱାବଧାନରେ ୪୦ରୁ ଉର୍ଦ୍ଧ୍ୱ ସଂସ୍କୃତି ସୈନିକ ଜାଗରଣ ଯାତ୍ରାରେ ସାମିଲ ହୋଇଥିଲେ। ଏହି ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ୩ଦିନ ଧରି ସମଗ୍ର ଜିଲ୍ଲା ପରିକ୍ରମା କରି ମୟୂରଭଞ୍ଜ କଳା ସଂସ୍କୃତି, ଐତିହ୍ୟର ପ୍ରଚାରପ୍ରସାର ସହ ଭାଇଚାରାର ପରମ୍ପରାକୁ ସୁଦୃଢ଼ କରିବ ବୋଲି ଜଣାଯାଇଛି।

## ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ

**ବାରିପଦା, ୧୫।୩(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ହୋଇଥିବା ମାଟ୍ରିକ ପରୀକ୍ଷାର ଖାତା ମୂଲ୍ୟାୟନ ପ୍ରକ୍ରିୟା ମୟୂରଭଞ୍ଜ ଜିଲ୍ଲାରେ ମୋଟ ତିନୋଟି ମୂଲ୍ୟାୟନ କେନ୍ଦ୍ର ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଏହି ତିନୋଟି ମୂଲ୍ୟାୟନ କେନ୍ଦ୍ର ବାରିପଦାର ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କରଞ୍ଜିଆର କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ରାଇରଙ୍ଗପୁରର ରାଇରଙ୍ଗପୁର ସରକାରୀ ଉଚ୍ଚବିଦ୍ୟାଳୟ ଠାରେ ହୋଇଥିବା ସହିତ ସମ୍ପୃକ୍ତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ ମୂଲ୍ୟାୟନ କେନ୍ଦ୍ରର ସୁପରଭାଇଜର ଭାବେ ଦାୟିତ୍ୱରେ ରହିଛନ୍ତି। ଜିଲ୍ଲାର ତିନୋଟି ଯାକ କେନ୍ଦ୍ରରେ କଡ଼ା ସୁରକ୍ଷା ମଧ୍ୟରେ ଉତ୍ତର ଖାତାମାନ ପହଁଚିବା ପରେ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଖାତା ମୂଲ୍ୟାୟନ ଆରମ୍ଭ ହୋଇଛି।

ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସମସ୍ତ ସୁବିଧା ବ୍ୟବସ୍ଥା କରାଯାଇଛି। ପ୍ରତି କେନ୍ଦ୍ରରେ ପ୍ରତି ବିଷୟ ପାଇଁ ପରୀକ୍ଷକ ଓ ଅନ୍ୟାନ୍ୟ ପ୍ରମୁଖ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମୁଖ୍ୟ ମୂଲ୍ୟାୟନକାରୀ ଥିବା ବେଳେ ଉପ ମୂଲ୍ୟାୟନକାରୀ, ସହକାରୀ ମୂଲ୍ୟାୟନକାରୀ ଓ ଯାଞ୍ଚକାରୀ ନିୟୋଜିତ ହୋଇଛନ୍ତି। ଉକ୍ତ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆସନ୍ତା ୧୦ରୁ ୧୪ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଶୁକ୍ରବାର ବାରିପଦାର ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବୈଠକ କରିଛନ୍ତି।

ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୂଲ୍ୟାୟନ ଶୈଳୀ ଓ ପ୍ରକ୍ରିୟା ସମ୍ବନ୍ଧରେ ପୂର୍ବରୁ ପ୍ରଶିକ୍ଷଣ ଦିଆଯାଇଥିଲା ବୋଲି ସେନେଇ ଜିଲ୍ଲା ଶିକ୍ଷାଧିକାରୀ ଆଲୋଚନା କରିଥିଲେ। କେନ୍ଦ୍ରରେ ମୂଲ୍ୟାୟନ ନିମନ୍ତେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀମାନେ ମୋବାଇଲ ଫୋନ ନେବାକୁ ନିଷେଧ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଷ୍ଟ୍ରଙ୍ଗ ରୁମ, ମୂଲ୍ୟାୟନ ରୁମ ଆଦି ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। କେନ୍ଦ୍ର ଗୁଡ଼ିକରେ ମୂଲ୍ୟାୟନ ବ୍ୟବସ୍ଥା ଅନଲାଇନ ମାଧ୍ୟମରେ କରାଯାଇଛି।




## ବଲାଙ୍ଗୀ ମହୋତ୍ସବ କମିଟିର ସାଂସ୍କୃତିକ ଜାଗରଣ ଯାତ୍ରା

**ବାଙ୍ଗିରିପୋଷି, ୧୫।୩(ସମିସ):** ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ହେଲେ ମଧ ଏହାର ଭାଷା, ସାହିତ୍ୟ, କଳା ସଂସ୍କୃତି ଓ ପର୍ଯ୍ୟଟନ ଯୁଗେଯୁଗେ ଲୋକଙ୍କୁ ଆକର୍ଷିତ କରିଆସିଛି। ମୟୁରଭଞ୍ଜ ଜିଲ୍ଲା ତଥା ଓଡ଼ିଶାର ଅଭିଲୁପ୍ତ ପରମ୍ପରା, କଳା ସାହିତ୍ୟର ବିକାଶ, ସୁରକ୍ଷା ଏବଂ ପ୍ରଚାର ଉଦ୍ଦ୍ୟେଶରେ ବଳାଙ୍ଗି ମହୋତ୍ସବ କମିଟି(ବାରିପଦା) ଦୀର୍ଘ ସମୟ ଧରି କାର୍ଯ୍ୟ କରିଆସୁଛି।



ଚଳିତବର୍ଷ ୨୨ ତମ ବାର୍ଷିକ ବଳାଙ୍ଗି ମହୋତ୍ସବ ତଥା ଓଡିଆ ନବବର୍ଷ ପାଳନ ଉପଲକ୍ଷେ ଜିଲ୍ଲାରେ ସାଂସ୍କୃତିକ ପୂର୍ଣ୍ଣ ଜାଗରଣ ନିମନ୍ତେ ବଳାଙ୍ଗି ସଂସ୍କୃତି ସୈନିକମାନଙ୍କ ଏକ ୮ ମ ବାର୍ଷିକ ବାଇକ ସଭାଯାତ୍ରା ବାହାରି ଆଜି କୁଳିଅଣା, ଝାରପୋଖରିଆ, ସାରସକଣା ଦେଇ ବାଙ୍ଗିରିପୋଷିରେ ପହଞ୍ଚିଲା ବେଳକୁ ବାଙ୍ଗିରିପୋଷିର ସାମ୍ବାଦିକ, ବୁଦ୍ଧିଜୀବୀ, ଡ୍ରାଇଭର ମହାସଂଘ ତଥା ଯୁବ ଗୋଷ୍ଠୀଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସାମାଜିକ କର୍ମୀ ସାନ୍ତୁନୁ କୁମାର ଦାଶଙ୍କ ସଭାପତିତ୍ୱରେ ବାଙ୍ଗିରିପୋଷି ବସ୍‌ଷ୍ଟାଣ୍ଡ ସମ୍ମୁଖର ରାସ୍ତାକଡ ଠାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏ ମାଟିର ଅବକ୍ଷୟମୁଖୀ ଭାଷା, ସାହିତ୍ୟ, କଳା, ସାଂସ୍କୃତିକ ସୁରକ୍ଷା ଓ ପୁନଃଉଥାନ କରିବା ତଥା ଏହାର ପୂର୍ବ ଗୌରବ ଫେରାଇ ଆଣିବା ପ୍ରତ୍ୟେକ ମୟୁରଭ ବାସୀଙ୍କର ନୈତିକ କର୍ତ୍ତବ୍ୟ ବୋଲି ଆଲୋଚନା ହୋଇଥିଲା। ପ୍ରତିଷ୍ଠାତା ଶରତ କୁମାର ନାଏକ, ଦୀପକ କୁମାର ନାଏକ, ଇନ୍ଦୁମତି ମହାନ୍ତି, ନରେନ୍ଦ୍ରେ ମୋହନ ସେନାପତିଙ୍କୁ ସମ୍ମାନିତ କରାଯାଇଥିଲା। ବାଙ୍ଗିରିପୋଷି ବ୍ଲକ ଓଷ୍ଟା ସାଧାରଣ ସମ୍ପାଦକ ବିକାଶ କୁମାର ପଣ୍ଡା, କଳାକାର ହରିଚନ୍ଦ୍ର ନାଏକ, ମନରଜ ବାରିକ, ସତ୍ୟ ମହାନ୍ତି, ଆଲୋକ ସ୍ୱାଇଁ, ପ୍ରିତିଶ ମହାନ୍ତ, ପ୍ରଶାନ୍ତ ଦାସ ପଟ୍ଟନାୟକ, ପ୍ରଦିପ୍ତ ହୋତା, ସତ୍ୟଜିତ କଲିଆ, ମନୋରଞ୍ଜନ ମିଶ୍ର, ଜମିର ଉର୍ଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।






### ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ

# ବନ୍ଧୁକ ଦେଖାଇ ମାଫିଆ ଫେରାର

ମୋରଡ଼ା, ୧୫ ।୩(ସମିସ): ମୋରଡ଼ା ଥାନା ଅଞ୍ଚଳରେ ଶୁକ୍ରବାର ଭୋର ଗୋଟିଏ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୨୦ଟି ଗୋରୁକୁ ଅତି ନୃଶଂସ ଭାବରେ ଚାଲାଣ କରୁଥିବା ଦେଖିବାକୁ ପାଇ ଝିଙ୍କିରିଆ ଛକ ନିକଟରେ ସବ୍ୟସାଚୀ ବେହେରା ଓ ରିଙ୍କୁପାତ୍ର, ଭଞ୍ଜସେନା କର୍ମୀ ଆଲୋକ ବେହେରା ଗ୍ରାମବାସୀଙ୍କ ସହଯୋଗରେ ଅଟକାଇଥିଲେ । ଭ୍ୟାନଟି ବୈଶିଙ୍ଗାରୁ ଝିଙ୍କିରିଆ ହୋଇ ପଶ୍ଚିମବଙ୍ଗକୁ ଯାଉଥିବା ସମୟରେ ଭଡ଼ରାନନ୍ଦା ପୋଲ ନିକଟରେ ସେମାନେ ଅଟକାଇ ପୁଲିସକୁ ଖବର ଦେଇଥିଲେ ।



### ୨୦ଗୋରୁ ଉଦ୍ଧାର

ଭ୍ୟାନରେ ତିନି ଜଣ ମାଫିଆ ଥିବାବେଳେ ଜଣେ ବନ୍ଧୁକ କାଢି ଗୁଳିଫଟାଇ ଦେବ କହି ଫେରାର ହୋଇଯାଇଥିଲା । ଉଦ୍ଧାର ୨୦ଟି ଗୋରୁ ମଧ୍ୟରୁ ୧୨ଟି ବଳଦ ଏବଂ ୮ଟି ଗାଈ ଥିଲେ । ପୁଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ଭଞ୍ଜସେନା କର୍ମୀମାନେ ଭ୍ୟାନଟିକୁ ଚିତ୍ରଡ଼ା ଫାଣ୍ଡିରେ ଜିମା ଦେଇଥିଲେ । ସେଠାରେ ଗୋରୁଗୁଡିକୁ ଉଦ୍ଧାର କରାଯାଇଥିବା ବେଳେ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବାବେଳେ ଅନେକଙ୍କ ଗୋଡ଼ ଭାଙ୍ଗି ଥିବା ଜଣାପଡ଼ିଛି । ପ୍ରାଣୀ ଚିକିତ୍ସକ ଡାକ୍ତର ଦିଲ୍ଲୀପ କୁମାର ବେହେରା ଏବଂ ଅନ୍ୟ ଦୁଇଜଣ ପହଞ୍ଚି ଚିକିତ୍ସା କରିଥିଲେ ।

# ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ବାରିପଦା, ୧୫ ।୩(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମୟୂରଭଞ୍ଜ ଓ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ବାରିପଦାର ମିଳିତ ଆନୁକୂଲ୍ୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୪୩ ଜଣ ଶିକ୍ଷକ ଓ ୨୦ ଜଣ ଶିକ୍ଷକ ପ୍ରଶିକ୍ଷକ ଯୋଗଦାନ କରିଥିଲେ । ଡାଏଟ ଓ ଇଟିଇଆଇର ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ଡାଏଟ ବାରିପଦାର ଅଧ୍ୟକ୍ଷ ଅନାଦି ଚରଣ ବିନ୍ଧାଣୀ ତଥା ଇଟିଇଆଇ ବାରିପଦାର ଅଧ୍ୟକ୍ଷ ରତିନ୍ଦ୍ର ନାଥ ଘୋଷ ମଶାଲ ଜଳାଇ ଏହାକୁ ଉଦଘାଟନ କରିଥିଲେ । ଇଟିଇଆଇ ବାରିପଦର କ୍ରୀଡା ଶିକ୍ଷୟିତ୍ରୀ ଚାନ୍ଦିନୀ ଖାତୁନ ଓ ଡାଏଟ ମୟୂରଭଞ୍ଜର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଳକ ଓ ବାଳିକା ବର୍ଗରେ ମୋଟ ୧୪ଟି ଅନୁଷ୍ଠିତ ହୋଇଥିଲା । ଗୁରୁବାର କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଛି । ଉଦଯାପନୀ ଉତ୍ସବରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସଦାଶିବ ଗିରି, ତୃପ୍ତି ମହାନ୍ତ ଯଥାକ୍ରମେ ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ବାଳକ ବର୍ଗରେ ଡାଏଟ ମୟୂରଭଞ୍ଜର ଜୀବନ ଜ୍ୟୋତି ହାଁସଦା ତଥା ବାଳିକା ବର୍ଗରେ ଇଟିଇଆଇ ବାରିପଦାର ମାନସୀ ନାଏକ ଚାମ୍ପିଅନ ହୋଇଛନ୍ତି । ଶିକ୍ଷକ ପ୍ରଶିକ୍ଷକ ଦିଲ୍ଲୀପ କୁମାର ସିଂ, ଚମ୍ପାବତୀ ହାଁସଦା, କ୍ରୀଡା ପ୍ରଭାରୀ ଭାବେଶ ଚନ୍ଦ୍ର ଦେହୁରୀ, ରୂପାଲି ରଚନା ପାତ୍ର, ଅମିତ କୁମାର ଦଲାଇ ଓ ଲକ୍ଷ୍ମୀପ୍ରିୟା ଦେ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

## ଖିଚିଂ-ପୁରୀ ହାଇଟେକ୍ ବସ୍ ଚଳାଚଳ ଦାବି

କରଞ୍ଜିଆ, ୧୫ ।୩(ସମିସ): ମୟୁରଭଞ୍ଜ ଜିଲ୍ଲାର ଶକ୍ତି ପୀଠ, ବିଶ୍ୱ ବିଖ୍ୟାତ ମା କିଚକେଶ୍ୱରୀଙ୍କ କଳାମୁଗୁନି ପଥରରେ ନିର୍ମିତ ମନ୍ଦିର, ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ରହିଥିବା ଖିଚିଂରୁ ପୁରୀ ଜଗନ୍ନାଥ ଧାମକୁ ଏକ ହାଇଟେକ ବସ୍ ଚଳାବାକୁ ବିଭିନ୍ନ ମହଲରେ ଦାବି ହେଉଛି । କରଞ୍ଜିଆରୁ ଅନେକ ବସ୍ ସ୍ଥାୟୀ ଓ ଅସ୍ଥାୟୀ ଭାବେ ଭୁବନେଶ୍ୱରକୁ ଚଳାଚଳ କରୁଛି । ୨୦ରୁ ଅଧିକ ବସ୍ ପ୍ରତ୍ୟେହ ଭୁବନେଶ୍ୱରକୁ ଚାଲୁଥିଲେ ମଧ୍ୟ ମାତ୍ର ୩୧୫ କି. ମି ରାସ୍ତା ପାଇଁ କୌଣସି ବସ ଯିବା ଅସିବା କରୁନାହିଁ । ଏହି ଜିଲ୍ଲା ସମେତ ଅନେକ ସ୍ଥାନରୁ ପୁରୀକୁ ଯିବା ପାଇଁ ଅନେକ ବସ ଥିବା ବେଳେ ଏ ଅଞ୍ଚଳବାସୀ ବୈମାତୃକ ଭାବର ଶିକାର ହେଉଛନ୍ତି । ଏହି ବିଶ୍ୱ ବିଖ୍ୟାତ ଶକ୍ତି ପୀଠରୁ ପୁରୀ ଜଗନ୍ନାଥ ଧମକୁ ସିଧା ସଳଖ ବସ ଚାଲିଲେ ବହୁ ଧାର୍ମିକ ଲୋକ ଦୁଇ ପୀଠର ଦର୍ଶନ କରିବାରେ ସୁଯୋଗ ପାଆନ୍ତେ । ବସ୍ ଚଳାଚଳ କଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହିତ ବହୁଲୋକ ଉପକୃତ ହୁଅନ୍ତେ ।

## ଦୁର୍ଦ୍ଦିନରେ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ



ଖୁଣ୍ଟା, ୧୫ ।୩(ସମିସ): ଓଡ଼ିଶା ପଞ୍ଚାୟତ ୪ର୍ଥଶ୍ରେଣୀ କର୍ମଚାରୀ ସଂଘର ଗୋପବନ୍ଧୁ ନଗର ବ୍ଲକ ଶାଖାପକ୍ଷରୁ ସାନଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୈଠକ ଅନୁଷ୍ଠିତ ହୋଇଛି । ଗୋପବନ୍ଧୁ ନଗର ବ୍ଲକ ସଂଘର ସଭାପତି ଭୈରବ ମହାପାତ୍ରଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସମ୍ପାଦକ ଦିବାକର ବିନ୍ଧାଣି, ଗୋପବନ୍ଧୁ ନଗର ବ୍ଲକ ସଂଘର ସମ୍ପାଦକ ସୁଜୟ କୁମାର ସିଂ ଯୋଗଦେଇ ଥିଲେ । ସାଧାରଣ ନିର୍ବାଚନକୁ ଦୃଷ୍ଟିର ରଖି ରାଜ୍ୟ ସରକାର ବିଭିନ୍ନ ବର୍ଗର କର୍ମଚାରୀ ଓ ଜନସାଧାରଣଙ୍କ ପାଇଁ ପ୍ରୋତ୍ସାହନରାଶି ଯୋଗାଇ ଦେବାର ଘୋଷଣା କରୁଛନ୍ତି । ମାତ୍ର ପଞ୍ଚାୟତରେ ନିଯୁକ୍ତି ପାଇଥିବା ୪ର୍ଥ ଶ୍ରେଣୀ କର୍ମଚରୀଙ୍କ କ୍ଷେତ୍ରରେ ସରକାରଙ୍କ ଉଦାସୀନତା ଓ ବୈମାତୃକ ମନୋଭାବକୁ ନେଇ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା । ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭିନ୍ନ ସମୟରେ ରାଜ୍ୟ ସରକାର ଓ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ହିଁ ମିଳୁଛି ବୋଲି ଅଭିଯୋଗକରିଥିଲେ ।ସରକାରସରପଞ୍ଚ, ସମିତିସଭ୍ୟପ୍ରମୁଖଙ୍କଅର୍ଥରାଶିବୃଦ୍ଧିକରିଥିବା ଘୋଷଣା କରିଛନ୍ତି । ଏପରିକି ଅଣକୁଶଳୀ ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି କରିଛନ୍ତି । ମାତ୍ର ଦୀର୍ଘ ବର୍ଷ ଧରି ପଞ୍ଚାୟତର ୪ ର୍ଥ ଶ୍ରେଣୀ କର୍ମଚାରୀ ସ୍ୱଳ୍ପ ଦରମାରେ କାମ କରିଆସୁ ଥିଲେ ମଧ୍ୟ ସେମାନଙ୍କ ପ୍ରତି ଏଭଳି ମନୋଭାବ ପୋଷଣକୁ ବିରୋଧ କରିଥିଲେ ।

## ନୂତନ ଥାନାଧିକାରୀଙ୍କ ଯୋଗଦାନ



ମହୁଲଡ଼ିହା, ୧୫ ।୩ (ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନାରେ ଅଶୋକ କୁମାର ପହି ନୂତନ ଥାନାଧିକାରୀ ଭାବେ ଯୋଗଦାନ କରିଛନ୍ତି । ଶ୍ରୀ ପହି ଏହା ପୂର୍ବରୁ ବାଙ୍ଗିରିପୋଷି ପୁଲିସ ଷ୍ଟେସନରେ କାର୍ଯ୍ୟରତ ଥିଲେ । ସେଠାରୁ ବଦଳି ହୋଇ ୧୪ ତାରିଖ ଦିନ ମହୁଲଡିହା ଥାନାରେ ପୂର୍ବତନ ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ପଦରେ ଯୋଗ ଦେଇଛନ୍ତି । ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ମହୁଲଡିହା ଥାନା ହୋଇଥିବାରୁ ନିର୍ବାଚନ ପରିପ୍ରେକ୍ଷୀରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ସେ ବିଶେଷ ଧ୍ୟାନ ଦେବେ ବୋଲି କହିଛନ୍ତି ।

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ




ଗୋରୁମହିଷାଣି, ୧୫ ।୩(ସମିସ): ରାଇରଙ୍ଗପୁର ବନଖଣ୍ଡ ଅଧୀନ ଗୋରୁମହିଷାଣି ସେକ୍ସନ ଠାରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଇରଙ୍ଗପୁର ବନ୍ୟାଞ୍ଚଳ ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବନଖଣ୍ଡ ଏସିଏଫ୍ ପ୍ରଭାକର ମଲ୍ଲିକ ମୁଖ୍ୟବକ୍ତା ଓ ପରିବେଶବିତ୍ ଲଳିତ କୁମାର ମହନ୍ତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । କୁଳେଇଶିଳା ସରପଞ୍ଚ ମିଲିରାଣୀ ସିଂ, ଆଇରନ କଲେଜର ଅଧ୍ୟାପକ ପ୍ରମାଦ କୁମାର ସିଂ ଯୋଗଦାନ କରିଥିଲେ । ଆଇରନ କଲେଜର ଛାତ୍ରଛାତ୍ରୀ ତଥା ଜଙ୍ଗଲ ସୁରକ୍ଷା କମିଟିମାନଙ୍କ ଦ୍ୱାରା ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତାର ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଥିଲେ । ଏଥିରେ ବନପାଳ ଆଲୋକ ସେଠୀ, ଯଶୋବନ୍ତ ମହାକୁଡ଼, ବିପିନ ଚନ୍ଦ୍ର ବେହେରା, ସଞ୍ଜୁ ମହାନ୍ତ, ପଦ୍ମାବତୀ ମହନ୍ତ, ଫରେଷ୍ଟଗାର୍ଡ ରାମଦାସ ମାଝୀ, ଗଜସାଥୀ ତଥା ପାରାଷ୍ଟାଫ୍ ସହଯୋଗ କରିଥିଲେ । କାଶୀନାଥ ହାଁସଦା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଶୁଳିଆପଦାରେ ନିର୍ବାଚନ ତାଲିମ ଶିବିର



ଶୁଳିଆପଦା, ୧୫ ।୩(ସମିସ): ଆଗାମୀ ଲୋକସଭା ନିର୍ବାଚନ ପାଇଁ ଶୁଳିଆପଦା ବ୍ଲକରେ ନିର୍ବାଚନ ତାଲିମ ଶିବିର ଆରମ୍ଭ ହୋଇଯାଇଛି । ଶୁଳିଆପଦା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅନୁପମା ଘୋଷଙ୍କ ସଭାପତିତ୍ୱରେ ଏହି ତାଲିମ ଶିବିର ଆରମ୍ଭ ହୋଇଯାଇଛି । ଶୁଳିଆପଦା ବ୍ଲକ ଅଧିକ୍ସନ ସମସ୍ତ ସେକ୍ଟର ଅଫିସରଙ୍କୁ ତାଲିମ ଦେବା ସହିତ ବ୍ଲକସ୍ତରୀୟ ପୁଲିଂ ଅଫିସରଙ୍କ ତାଲିମ ଶିବିର ମଧ୍ୟ ଆରମ୍ଭ ହୋଇଯାଇଛି । ଏହି ଶିବିରରେ ପ୍ରଥମ ଦିନରେ ୧ ଶହ ଜଣ ପୁଲିଂ ଅଫିସରଙ୍କୁ ତାଲିମ ଦିଆଯାଇଥିଲା ।

## କରଞ୍ଜିଆରେ ଭାରତ ଭ୍ରମଣରେ ଆସିଥିବା ପଦଯାତ୍ରୀ

କରଞ୍ଜିଆ, ୧୫ ।୩(ସମିସ): ଦେଶପ୍ରେମୀ, ସମାଜସେବୀ ଶିବ କିରଣ ସିଂ ଭାରତ ଭ୍ରମଣରେଆସି କରଞ୍ଜିଆରେ ପହଞ୍ଚିଛନ୍ତି । ସେ ପୁରୀ ଅଭିମୁଖେ ଶନିବାର ଯାତ୍ରା କରିବେ । ଶିବ କରଣ ସିଂ ପାଦରେ ଚାଲି ଚାଲି ଭ୍ରମଣ କରୁଛନ୍ତି । ବର୍ତ୍ତମାନସୁଦ୍ଧା ସେ ୧୨, ୧୬୦କିମି ଅତିକ୍ରାନ୍ତ କରିସାରିଲେଣି । ଏଠାରୁ ପୁରୀ ପଦଯାତ୍ରା କରି କନ୍ୟା କୁମାରୀ ପର୍ଯ୍ୟନ୍ତ ସେ ପଦଯାତ୍ରା କରିବେ । ଗତ ମାର୍ଚ୍ଚ ୨୫ ତାରିଖରୁ ଉତ୍ତର ପ୍ରଦେଶ ଖରାଳି ରୁ ଏହି ପାଦଯାତ୍ରା ଆରମ୍ଭ କରିଛନ୍ତି । କରଞ୍ଜିଆରେ ସେ ପହଞ୍ଚିବା ମାତ୍ରେ ତାଙ୍କୁ ବାମନଶାଳା ଠାରେ ସ୍ମୃତି ରଞ୍ଜନ ମହାନ୍ତ ଭାରତଭ୍ରମଣ ପାଦ ଯାତ୍ରାବପାଇଁ ସହରକୁ ଅସିବା ପାଇଁ ସ୍ୱାଗତ କରି ପଦଯାତ୍ରାର ସଫଳ କାମନା କରିଥିଲେ । ଗୋଳେଇ ଛକରେ ଶ୍ରୀ ସିଂ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏଥରେ ସମାଜସେବୀ ସୁନାମଣୀ ହୋ ସହଯୋଗ କରିଥିଲେ । ମରୁଭୂମିର ସୁରକ୍ଷା ଓ ଅଖଣ୍ଡତାର ପ୍ରଚାର କରିବା ଉଦ୍ୟେସରେ ଏହି ପଦଯାତ୍ରା କରୁଛନ୍ତି ବୋଲି ଶ୍ରୀ ସିଂ ପ୍ରକାଶ କରିଥିଲେ ।

## ଜ୍ୟୋତି ରଥକୁ ଝାରପୋଖରିଆ ଅଞ୍ଚଳରେ ସ୍ୱାଗତ




ସାରସକଣା/ଜାମଶୋଳା, ୧୫ ।୩(ସମିସ): ବଳାଙ୍ଗୀ ମହୋତ୍ସବ ସାଂସ୍କୃତିକ ଜାଗରଣ ଯାତ୍ରାର ଜ୍ୟୋତି ରଥର ଜିଲ୍ଲା ପରିକ୍ରମା ହୋଇଛି । ପ୍ରଥମ ଦିନରେ ଝାରପୋଖରିଆ ଅଞ୍ଚଳରେ ରଥକୁ ସ୍ୱାଗତ କରାଯାଇଥିଲା ।

# ଦେଶର ୫ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ବେତନଟୀର ବୋହୂ

ବେତନଟୀ, ୧୫ ।୩(ସମିସ): ସର୍ବଭାରତୀୟସ୍ତରରେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ନେଇ ଦେଶର ଅର୍ଥନୈତିକ ବ୍ୟବସ୍ଥାର ଅନୁଶୀଳନ ତଥା ସମୀକ୍ଷା କରୁଥିବା ବିଜନେସ ୱାର୍ଲ୍ଡ ପତ୍ରିକାରେ ପ୍ରକାଶିତ ଦେଶର ୫ଜଣ ପ୍ରଭାବଶାଳୀ ମହିଳାଙ୍କ ତାଲିକରେ ମୟୂରଭଞ୍ଜ ଜିଲ୍ଲାରୁ ଦୁଇଜଣ ଥିବାବେଳେ ତନ୍ମଧ୍ୟରୁ ବେତନଟୀର ବୋହୂ ପୁନମ ଗୁପ୍ତା ସ୍ଥାନ ପାଇଛନ୍ତି । ବିଜନେସ ୱାର୍ଲ୍ଡ ପତ୍ରିକାରେ ପ୍ରକାଶିତ ଦେଶର ୫ଜଣ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ମୟୂରଭଞ୍ଜ ମାଟିର ଝିଅ ତଥା ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ବେତନଟୀର ବୋହୂ ପୁନମ ଗୁପ୍ତା, କେନ୍ଦ୍ରସରକାରଙ୍କର ରାଜ୍ୟ ପାହ୍ୟା ଶିକ୍ଷାମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଇସ୍ରୋର ବୈଜ୍ଞାନିକ ରୀତୁ କରିଡାଲ ଏବଂ ମହିଳା ଓ ଶିଶୁକଲ୍ୟାଣ ବିଭାଗର କେନ୍ଦ୍ରମନ୍ତ୍ରୀ ସ୍ମୃତି ଜୁବିନ ଇରାନୀ ରହିଛନ୍ତି । ବେତନଟୀର ଅବସରପ୍ରାପ୍ତ ବରିଷ୍ଠ ଇଞ୍ଜିନିୟର ଅଜିତ କୁମାର ମିଶ୍ର ଏବଂ ରମା ମିଶ୍ରଙ୍କ ପୁଅ ଅର୍ଥନୀତିଜ୍ଞ



ଦୀପକ ମିଶ୍ରଙ୍କ ଧର୍ମପତ୍ନୀ ହେଉଛନ୍ତି ପୁନମ ଗୁପ୍ତା । ଦୀପକ ମିଶ୍ର ବିଶ୍ୱବ୍ୟାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରିଥିବା ବେଳେ ବର୍ତ୍ତମାନ ସେ ଦି ଇଣ୍ଡିଆନ କାଉନସିଲ ଫର ରିସର୍ଚ୍ଚ ଅନ ଇଣ୍ଟରନ୍ୟାସନାଲ ଇକୋନୋମିକ ରିଲେସନ୍ସ(ଆଇସିଆରଆଇଇଆର)ର ନିର୍ଦ୍ଦେଶକ ତଥା ଚିଫ୍ ଏକଜିକ୍ୟୁଟିଭ ଅଛନ୍ତି । ଦୀପକ ମିଶ୍ରଙ୍କ ଧର୍ମପତ୍ନୀ ପୁନମ ଗୁପ୍ତା ନ୍ୟାସନାଲ କାଉନସିଲ ଅଫ ଏପ୍ଲାଏଡ ଇକୋନୋମିକ ରିସର୍ଚ୍ଚ(ଏନସିଏଇ.ଆର)ର ଡାଇରେକ୍ଟର ଜେନେରାଲ ସାଙ୍ଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅର୍ଥନୈତୀକ ପରାମର୍ଶ ପରିଷଦର ସଦସ୍ୟା ମଧ୍ୟ ରହିଛନ୍ତି । ଏହା ପୂର୍ବରୁ ପୁନମ ଗୁପ୍ତା ବିଶ୍ୱବ୍ୟାଙ୍କ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିବାର ଅଭିଜ୍ଞତା ରଖିଛନ୍ତି । ବର୍ତ୍ତମାନ ଦୀପକ ମିଶ୍ର ଏବଂ ପୁନମ ଗୁପ୍ତା ଦିଲ୍ଲୀରେ ରହୁଥିବା ବେଳେ ବେତନଟୀରେ ରହୁଥିବା ଅବସରପ୍ରାପ୍ତ ବରିଷ୍ଠ ଇଞ୍ଜିନିୟର ଅଜିତ କୁମାର ମିଶ୍ର ଏବଂ ରମା ମିଶ୍ରଙ୍କ ନିକଟକୁ ଛୁଟିଛି ଶୁଭେଚ୍ଛାର ସୁଅ ।

# ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ଦାବିପତ୍ର ପ୍ରଦାନ

ଉଦଳା, ୧୫ ।୩ (ସମିସ): କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କପ୍ତିପଦା ଉପଖଣ୍ଡ ଅଧୀନରେ ଥିବା ଚାରିଟି ବ୍ଲକରେ କାର୍ଯ୍ୟରତ ସାମ୍ବାଦିକମାନେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । କପ୍ତିପଦା ଉପଖଣ୍ଡ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ସ୍ଥାନୀୟ ସାମ୍ବାଦିକମାନେ ବିଭିନ୍ନ ସମୟରେ ସରକାରଙ୍କ ସହିତ ଆଦିବାସୀମାନଙ୍କର ବିଭିନ୍ନ ସମସ୍ୟା ଉପରେ କାର୍ଯ୍ୟକରିଥିବା ବେଳେ ରାଜ୍ୟ ସରକାରଙ୍କ ନିକଟରେ ଅନେକ ଗୁଡ଼ିଏ ଦାବିକୁ ସାମ୍ବାଦିକମାନେ ଉପସ୍ଥାପନ କରିଛନ୍ତି । ସାମ୍ବାଦିକମାନଙ୍କ ନିମନ୍ତେ ଭତ୍ତା ପ୍ରଦାନ କରାଯିବାକୁ ଦାବି କରାଯାଇଛି । ତତ୍‌ସହିତ କପ୍ତିପଦା ଉପଖଣ୍ଡରେ ୪ଟି ବ୍ଲକରେ ସାମ୍ବାଦିକମାନଙ୍କ ନିମନ୍ତେ ସାମ୍ବାଦିକ ଗୃହ ସ୍ଥାପନ କରାଯିବାକୁ ଦାବି କରାଯାଇଛି । ସାମ୍ବାଦିକ ପେନସନ୍ ଆଇନ ଲାଗୁ କରିବାକୁ ଦାବି କରି ଏକ ଦାବିପତ୍ର ସ୍ଥାନୀୟ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ପକ୍ଷରୁ ପ୍ରେରଣ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସାମ୍ବାଦିକ ଶଶିକାନ୍ତ ମିଶ୍ର, ସନ୍ତୋଷ କୁମାର ବାଛିନୀ, ଜଗବନ୍ଧୁ ପ୍ରଧାନ, ଅଭିଜିତ୍ ବେହେରା, କୃଷ୍ଣଚୈତନ୍ୟ ସଦୁଆଳ, ଯୋଗେନ୍ଦ୍ର ମହାପାତ୍ର, ସୁରେଶ୍ୱର ଜେନା, ସର୍ବେଶ୍ୱର ମହାପାତ୍ର, ସୁଶାନ୍ତ ମହାନ୍ତି, ତପନ କୁମାର ସେଠୀ, ଅଭିଜିତ୍ ବିଶ୍ୱାଳଙ୍କ ସମେତ ଉପଖଣ୍ଡ ଅଧୀନରେ କାର୍ଯ୍ୟରତ ସାମ୍ବାଦିକମାନେ ଯୋଗ ଦେଇଥିଲେ ।



# ବନ୍ଦେ ମାତରଂ ଓ ସ୍ୱଦେଶୀ ଜାଗରଣ ଆନ୍ଦୋଳନର ୧୨୦ ବର୍ଷ ପୂର୍ତ୍ତି

କରଞ୍ଜିଆ, ୧୫।୩ (ସମିସ): କରଞ୍ଜିଆ ରାଷ୍ଟ୍ର ଚିନ୍ତନ ଓ ଜାଗରଣ ସଂଗଠନ (ଚେତନା) ଆନୁକୂଲ୍ୟରେ ମଧୁବାରିଷ୍ଟର ମାର୍ଗଠାରେ ବନ୍ଦେ ମାତରଂ ଓ ସ୍ୱଦେଶୀ ଜାଗରଣ ଆନ୍ଦୋଳନର ୧୨୦ ବର୍ଷ ପାଳନ କରାଯାଇଛି । 'ଚେତନା'ର ସଭାପତି ଆଇନଜୀବି ସଞ୍ଜୟ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ । ୧୯୦୫ ମସିହାରେ ବଙ୍ଗଭଙ୍ଗ ଆନ୍ଦୋଳନ ସମୟରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ବନ୍ଦେ ମାତରଂ ସଙ୍ଗୀତ ଆନ୍ଦୋଳନକାରୀ ଦେଶଭକ୍ତଙ୍କୁ ଦେଶପ୍ରେମରେ ଉଦବୁଦ୍ଧ କରିରଖିଥିଲା । ଏହାର ନେତୃତ୍ୱ ନେଇଥିଲେ ବିଶିଷ୍ଟ କ୍ରାନ୍ତିକାରୀ ନେତା ବାଲ୍ ଗଙ୍ଗାଧର ତିଳକ । ଏହି ସମୟରେ ଦେଶରେ ପ୍ରଥମ ଥର ପାଇଁ ଇଂରେଜ ସରକାରଙ୍କ ବିଦେଶୀ ଜିନିଷ ବର୍ଜନ କରି ଭାରତୀୟ ସ୍ୱଦେଶୀ ଜିନିଷ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାର ସ୍ମରଣାର୍ଥେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଗବେଷକ ଭରତ ଚନ୍ଦ୍ର ଦାଶ, ମୁଖ୍ୟବକ୍ତାଭାବେ ଇଓ ତ୍ରିଲୋଚନ ସେଠୀ, ସମ୍ମାନିତ ଅତିଥି ଭାବେ ପଞ୍ଚାପିଢ଼ ମହିଳା ମହାବଦ୍ୟାଳୟର ପ୍ରାଧ୍ୟାପକ ଯଯାତି କିଶୋର ମହାନ୍ତ, ଅବସପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ଚନ୍ଦ୍ର ମହାନ୍ତ, ସିଦ୍ଧାର୍ଥ ରାୟ, ଜିତେନ୍ ବେହେରା, ବ୍ରଜକିଶୋର ପଣ୍ଡା, ବସନ୍ତ ରଣା, ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ସ୍ୱଦେଶୀ ଭାବଧାରାରେ ଅନୁପ୍ରାଣିତ ହେବାକୁ ଉଦବୋଧନ ଦେଇଥିଲେ । ଶେଷରେ ବନ୍ଦେ ମାତରଂ ଗାନ ସହିତ ଧନ୍ୟବାଦ ଅର୍ପଣ କରାଯାଇଥିଲା ।



## ଅଳତିରେ ଗୌର ଭକ୍ତ ସମ୍ମିଳନୀ



**ରାମଚନ୍ଦ୍ରପୁର, ୧୫।୩(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମର ଶ୍ରୀଚୈତନ୍ୟ ମଣ୍ଡପଠାରେ ୩ ଦିନ ବ୍ୟାପୀ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଅଧିବାସ ସହ ଗୁରବାର ଦିନତମାମ୍ ନାମଯଜ୍ଞ ଅନୁଷ୍ଠିତ ହୋଇଛି । ଶୁକ୍ରବାର ସକାଳୁ ସଂକୀର୍ତ୍ତନ ଦଳ ନଦିଆ କୀର୍ତ୍ତନ ତାଳେତାଳେ ନଗର ପରିକ୍ରମା କରିଥିଲେ । ଏଥିରେ ଶହ ଶହ ଶ୍ରଦ୍ଧାଳୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ କୃଷ୍ଣ ପ୍ରେମରେ ବିଭୋର ହୋଇଥିଲେ । ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତ ନଦିଆ ସଂକିର୍ତ୍ତନ ସହ ଉଦଣ୍ଡ କିର୍ତ୍ତନ କରିଥିଲେ । ଅନେକ ଶ୍ରଦ୍ଧାଳୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଦର୍ଶକଙ୍କ ମନ ଜିଣିଥିଲେ । ନଗର ଭ୍ରମଣରେ ସ୍ଥାନୀୟ ତିଗିରିଆ, ଧନୁର୍ଜୟପୁର, ପୁରୁଣିଆ, ବନ୍ଧସାହି, କେଶଦୁରାପାଳ, ବେଲସୁନ୍ଦରୀ, ପୁଲୁରିଗଡ଼ିଆ, ଅଳତି, କରଡାପାଳ ପ୍ରଭୃତି ଗ୍ରାମର ଶହ ଶହ ଗୌର ଭକ୍ତ ସାମିଲ ହୋଇ ନଗର ପରିକ୍ରମା କରିଥିଲେ । ଶେଷରେ ସୁସଜ୍ଜିତ କୁଞ୍ଜରେ ଅଳତି ସଂକୀର୍ତ୍ତନ ଦଳର ଶ୍ରଦ୍ଧାଳୁ ଭାରତୀବନ୍ଧୁ ମହାରଣା ଦଧିହାଣ୍ଡି ଭାଙ୍ଗି ନାମଯଜ୍ଞ କାର୍ଯ୍ୟକ୍ରମକୁ ସମାପନ କରିଥିଲେ । ନାମଯଜ୍ଞ ପରିଚାଳନାରେ ହରେକୃଷ୍ଣ ମହାରଣା, କୁଶଭଦ୍ର ରାଉଳ, କୁନା ଦାସ, ଶଶିକାନ୍ତ ଭୂୟାଁ, ଭୀମସେନ ସାମଲ, ଲମ୍ବୋଦର ମହାରଣା, ସତ୍ୟନାରାୟଣ ବରାଳ, ରତିକାନ୍ତ ବରାଳ, ମୀନକେତନ ରାଉଳ, ମହେଶ୍ୱର ନାୟକ, ପ୍ରଦ୍ୟୁମ୍ନ ସାହୁ, ଅର୍ଜୁନ ସାମଲ, ପ୍ରଭାତକୁମାର ବରାଳ, ଆନନ୍ଦ ଧଳ ସମେତ ଶତାଧିକ ଗୌର ଭକ୍ତ ନିଷ୍ଠାର ସହ ଉପସ୍ଥିତ ରହି ସହଯୋଗ କରିଥିଲେ । କାହିଁ କେଉଁ ଆବାହନ କାଳରୁ ପ୍ରତ୍ୟକ ବର୍ଷ ମୀନ ସଂକ୍ରାନ୍ତୀ ଅବସରରେ ଏହି ଅଷ୍ଟପ୍ରହର ନାମଯଜ୍ଞ ନିଷ୍ଠା ପୂର୍ବକ ପାଳିତ ହୋଇ ଆସୁଛି ।

## ୧୮ ରେ ଟ୍ରକ୍ ମାଲିକ ସଙ୍ଘର ବନ୍ଦ ଡାକରା



**ଆନନ୍ଦପୁର, ୧୫।୩(ସମିସ):** କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଙ୍ଘ ପକ୍ଷରୁ ସ୍ଥାନୀୟ ଝାଡେଶ୍ୱର ମନ୍ଦିର ନିକଟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି ସୁକାକାଠିରୁ ଗୁହାଳଡିହିକୁ ରେଳପଥ ଯୋଗେ ଲୁହାପଥର ପରିବହନ ପ୍ରସ୍ତାବକୁ ବିରୋଧ ତଥା କେନ୍ଦୁଝର ଜିଲ୍ଲାର ଅର୍ଥନୈତିକ ସୁରକ୍ଷା ନିମନ୍ତେ ଆସନ୍ତା ୧୮ ତାରିଖ ସୋମବାର କେନ୍ଦୁଝର ଜିଲ୍ଲା ବନ୍ଦ ପାଇଁ ଆଜିର ପ୍ରସ୍ତୁତି ବୈଠକରେ ନିଷ୍ପତି ହୋଇଥିବା ଜଣାଯାଇଛି । ଏହି ବୈଠକରେ ଜିଲ୍ଲା ଟ୍ରକ ମାଲିକ ସଙ୍ଘର ସଭାପତି ରମାକାନ୍ତ ନାୟକ, ସମ୍ପାଦକ ସୂର୍ଯ୍ୟନାରାୟଣ କରଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଦେବୁ ପଟ୍ଟନାୟକ, ଜୟନ୍ତ ସାହୁ, କ୍ଷୀରୋଦ ସାହୁ, ବଙ୍କା ଖୁଣ୍ଟିଆ, ବିଲି ପଣ୍ଡା, ରମେଶ ଚନ୍ଦ୍ର ସାହୁ, ବିଦ୍ୟାଧର ସାହୁ, ମୁରଲୀ ସାହୁ ଙ୍କ ସମେତ ଆନନ୍ଦପୁର ଉପଖଣ୍ଡର ଟ୍ରକ ମାଲିକ ସଙ୍ଘର ସଦସ୍ୟ ମାନେ ଯୋଗ ଦେଇଥିଲେ । କିପରି ଭାବରେ ଶାନ୍ତିଶୃଙ୍ଖଳାରେ ବନ୍ଦ ଡାକରା ସଫଳ ହେବ ଆଲୋଚନା କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାର ଦିବସ

**ବାରିପଦା, ୧୫ ।୩(ସମିସ):** ସ୍ଥାନୀୟ ମହାରାଜାପୁର ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ଖାଉଟି ଅଧିକାରୀ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଓ ଜିଲ୍ଲା ଉପ ନିୟନ୍ତ୍ରକ ମାପ ଏବଂ ବୈଧର ମିଳିତ ଅନୁକୂଲ୍ୟରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମସିଏମର ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦେଇ ଉଦ୍‌ଘାଟିତ କରିଥିଲେ । ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଦିବସ ବାବଦରେ ଆଲୋକପାତ କରିବା ସହ ଖାଉଟି ସଚେତନତା ଓ ଅଧିକାରୀ ସମେତ ଖାଉଟି ସଚେତନତା ନେଇ ଆଲୋଚନା କରାଯାଇଛି । ଖାଉଟି ବିବାଦର ପ୍ରତିକାର ନେଇ ଡିଜିଟାଲ ଟ୍ରେଡ, ଦ୍ରବ୍ୟ କ୍ରୟ ଓ ସେବା ସମ୍ବନ୍ଧରେ ତ୍ରୁଟି ସମାଧାନ ନେଇ ଉପଭୋକ୍ତାଙ୍କ କୃତ୍ରିମ ବୁଦ୍ଧିମତା ସମ୍ବନ୍ଧରେ ଆଲୋଚନା କରିଥିଲେ । ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




### ଜମି ଚିହ୍ନଟ ପରେ ବି ନିର୍ମାଣ ହୋଇପାରୁନି କାର୍ଯ୍ୟାଳୟ

# ପମ୍ପ୍ ହାଉସ୍ ଘରେ ଚାଲିଛି ପଞ୍ଚାୟତ ଅଫିସ୍

**ବୈଶିଙ୍ଗା, ୧୫ ।୩(ସମିସ)**

ଜମି ଚିହ୍ନଟ ସାଙ୍ଗକୁ ଘର ନିର୍ମାଣ ପାଇଁ ୧୫ଲକ୍ଷ ଟଙ୍କା ମଞ୍ଜୁର ହୋଇ ରହିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରୁନି ବୈଶିଙ୍ଗାଥାନା ଅଧୀନ ହାତୀଝୁରୀ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ। ୨୦୧୭ ମସିହାରେ ଗଠିତ ହାତୀଝୁରୀ ପଞ୍ଚାୟତ କାର୍ଯ୍ୟାଳୟ ପ୍ରଥମେ ଅସ୍ଥାୟୀ ଭାବରେ ଭଡାଘରେ ଚାଲିଥିବା ବେଳେ ପଞ୍ଚାୟତଘର ନିର୍ମାଣ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୫ଲକ୍ଷ ଟଙ୍କା ମଞ୍ଜୁର ମଧ୍ୟ ହୋଇଥିଲା । ତେବେ ପଞ୍ଚାୟତ ଗଠନକୁ ୭ବର୍ଷ ବିତିଯାଇଥିଲେ

### ୭ବର୍ଷ ହେଲାଣି ପଡ଼ି ରହିଛି ୧୫ଲକ୍ଷ ଟଙ୍କା

ସୁଦ୍ଧା ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ହୋଇପାରିଲା ନାହିଁ।

ସୂଚନା ମୁତାବକ ବେତନଟୀ ବ୍ଲକର ୨୨ଟି ପଞ୍ଚାୟତ ଥିବାବେଳେ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୨୦୧୭ ମସିହାରେ ବିଭାଜନ




ପରେ ସନ୍ତରା ପଞ୍ଚାୟତକୁ ଭାଗ କରି ହାତୀଝୁରି ଏବଂ ବୈଶିଙ୍ଗା ପଞ୍ଚାୟତକୁ ଭାଗକରି କେନ୍ଦୁଆ ଏହିଭଳି ଦୁଇଟି ନୂଆ ପଞ୍ଚାୟତ ଗଠନ ପୂର୍ବକ ବେତନଟୀ ବ୍ଲକର ପଞ୍ଚାୟତ ସଂଖ୍ୟା ୨୪କୁ ବୃଦ୍ଧି ପାଇଥିଲା । ତେବେ ଜନସଂଖ୍ୟା ଦୃଷ୍ଟିରୁ ବେତନଟୀ ପଞ୍ଚାୟତ ମଧ ଭାଗ ହେବାକୁ ଥିବାବେଳେ ପ୍ରସ୍ତାବିତ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଏହା ବିଭାଜିତ ହୋଇପାରି ନ ଥିଲା । ବିଭାଜନ ପ୍ରକ୍ରିୟା ପରେ ନୂଆପଞ୍ଚାୟତ ଗଠନ ହୋଇଥିବା ବେଳେ ହାତୀଝୁରି ପଞ୍ଚାୟତ ନିମନ୍ତେ ନିଜସ୍ୱ କାର୍ଯ୍ୟାଳୟ ପାଇଁ ସେତେବେଳେ ୩୫ଲକ୍ଷ ଟଙ୍କାରୁ ୧୫ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ଯେଉଥିରୁ ୧୫ଲକ୍ଷ ଟଙ୍କା ସିଧାସଳଖ ମଞ୍ଜୁର କରାଯାଇଥିବା ବେଳେ ୨୦ଲକ୍ଷ ମନରେଗା ଯୋଜନା ମାଧ୍ୟମରେ ବିନିଯୋଗ କରାଯିବ । ପଞ୍ଚାୟତ ଗଠନ ପରେ ଏକ ଭଡାଘରେ ପ୍ରଥମେ ହାତୂଝୁରି ପଞ୍ଚାୟତ ଅଫିସ ଆରମ୍ଭ କରାଯାଇଥିଲା । ଏହାପରେ ୧୮ ନଂ ଜାତୀୟରାଜପଥ ପାର୍ଶ୍ୱରେ ପ୍ରସ୍ତାବିତ ପଞ୍ଚାୟତ ଅଫିସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଜଙ୍ଗଲ କିସମ ଜମି ପାଇଁ ଏହା ନାକଚ ହୋଇଯାଇଥିଲା । ଏହାପରେ ୨୦୨୩ ମସିହାରେ ବେତନଟୀ ତହସିଲ ପକ୍ଷରୁ ହାତୀଝୁରି ମୌଜାର ଖାତାନଂ ୩୮୩, ପ୍ଲଟନଂ ୩୭୫/୧ରୁ ବଗାୟତ କିସମର ୨୦ ଡେସିମିଲ ଜମି ଚିହ୍ନଟ କରାଯାଇଥିବା ବେଳେ ପର ମୁହୂର୍ତ୍ତରେ ଏହାର କିସମକୁ ମଧ୍ୟ ପରିବର୍ତ୍ତନ କରାଯାଇ ପଞ୍ଚାୟତ ଅଫିସ ନିର୍ମାଣ ନିମନ୍ତେ ପଥ ପରିଷ୍କାର କରାଯାଇଥିଲା । ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସୁପରିଟେଣ୍ଡାଣ୍ଟ ଅଫ୍ ଲ୍ୟାଣ୍ଡ ରେକର୍ଡ(ଏସଏଲଆର)ଙ୍କ ଠାରୁ ମଧ ଚିଠିନଂ ୪୭୮/ଡିଆରଆର ତା ୧୧/୧୦/୨୩ରିଖରେ ଅନୁମୋଦନ ମିଳିସାରିଛି । ଗୋଟିଏ ପଟେ ଅଫିସ ନିର୍ମାଣ ପାଇଁ ତହସିଲ ପକ୍ଷରୁ ଜମି ଚିହ୍ନଟ ପୂର୍ବକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ଏବଂ ଅନ୍ୟପଟେ ଘର ନିର୍ମାଣ ପାଇଁ ୭ବର୍ଷ ହେବ ୧୫ଲକ୍ଷ ଟଙ୍କା ମଞ୍ଜୁର ହୋଇ ପଡ଼ିରହିଥିବା ସତ୍ୱେ ଆଜି ପର୍ଯ୍ୟନ୍ତ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ନେଇ କୌଣସି ସଙ୍କେତ ମିଳିପାରିଲା ନାହିଁ। ୨୦୨୩ ମସିହା ଶେଷଭାଗରେ ଭଡାଘରୁ ପଞ୍ଚାୟତ କାର୍ଯ୍ୟାଳୟକୁ ତହସିଲ ପକ୍ଷରୁ ଚିହ୍ନଟ ଜମି ନିକଟ ପମ୍ପହାଉସ ଘରେ ଅସ୍ଥାୟୀ ଭାବରେ କୌଣସି ପ୍ରକାରେ ପରିଚାଳନା କରାଯାଉଛି । ୧୧ଟି ୱାର୍ଡକୁ ନେଇ ଗଠିତ ପଞ୍ଚାୟତର ହାତୀଝୁରି ଏବଂ ବଗଲପୁର ଦୁଇଟି ରାଜସ୍ୱ ଗ୍ରାମ ସମେତ ନୂଆସାହି, ପଥରଚାଟିଆ, କମାରସାହି, ଭାଲୁବସା, ସଡକ ଶାଳବଣି ଭଳି ଉପଗ୍ରାମ ମଧ୍ୟ ରହିଛି । ଏନେଇ ନୂତନ ବିଡିଓ ଗୋପୀନାଥ ଖାଖାଙ୍କୁ ଯୋଗାଯୋଗ କରିବାରୁ ସେ ଏ ବାବଦରେ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇଙ୍କ ସହିତ ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତିବ ।

ପୁନଶ୍ଚ ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇଙ୍କୁ ଯୋଗାଯୋଗ କରିବାରୁ ହାତୀଝୁରି ପଞ୍ଚାୟତ ଅଫିସ ନିର୍ମାଣର ମୋଟ ବ୍ୟୟ ଅଟକଳ ୩୫ଲକ୍ଷ ଟଙ୍କା ରହିଛି । ଯେଉଁଥିରୁ ୨୦ଲକ୍ଷ ଟଙ୍କା କେବଳ ମନରେଗା ମାଧ୍ୟମରେ ପୈଠ କରାଯିବ । ଏତେ ପରିମାଣର ମନରେଗା କାମ କରିବାକୁ ଠିକାଦାର ଅନିଚ୍ଛା ପ୍ରକାଶ କରୁଥିବା କହିଛନ୍ତି । ତେବେ ଏନେଇ ସେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି ।

## ରାଇରଙ୍ଗପୁରରେ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା

**ରାଇରଙ୍ଗପୁର, ୧୫ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ନିଜର ଅନନ୍ୟ କଳା-ସଂସ୍କୃତି-ପର୍ଯ୍ୟଟନ ତଥା ଐତିହ୍ୟକୁ ନେଇ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବା ବେଳେ, ସାମ୍ପ୍ରତିକ ସମୟରେ ଅବକ୍ଷୟମୁଖୀ ଏ ମାଟିର ଭାଷା-ସାହିତ୍ୟ, କଳା-ସଂସ୍କୃତି, ପର୍ଯ୍ୟଟନ ତଥା ଐତିହ୍ୟର ପ୍ରଚାର, ପ୍ରସାର ଏବଂ ସମୃଦ୍ଧି ନିମନ୍ତେ ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ (ମୟୂରଭଞ୍ଜ ବାଲି ମେଳା) ବୁଢାବଳଙ୍ଗ-ଚିପଟ ଓ ଇଟାଯୋଡି ନଦୀର ତ୍ରୀବେଣୀ ସଂଗମ ପୀଠ, ବାରିପଦା ଠାରେ ପାଳିତ ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ୪ଟି ଯାକ ଉପଖଣ୍ଡର ଅଧିବାସୀମାନଙ୍କ ମଧ୍ୟରେ ସାମାଜିକ ଓ ସାଂସ୍କୃତିକ ସମନ୍ୱୟ ତଥା ଭାଇଚାରାର ଅତୁଟ ସମ୍ପର୍କକୁ ଅଧିକ ନିବିଡ କରିବାପାଇଁ ବିଗତ ବଳାଙ୍ଗୀ ସଂସ୍କୃତି ସୈନିକମାନଙ୍କୁ ନେଇ ଏକ ସାଂସ୍କୃତିକ ଜାଗରଣ ଯାତ୍ରା ର ବାଇକ୍ ରାଲି ଜିଲ୍ଲା ପରିକ୍ରମା କରିବା ସହ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ମଧ ଜିଲ୍ଲା ପରିକ୍ରମା ୧୫ ରୁ ୧୭ ମାର୍ଚ୍ଚ ୨୦୨୪



କରୁଅଛି । ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି ଭଳି ବହୁବିଧ କ୍ଷେତ୍ରରେ ସମଗ୍ର ଓଡ଼ିଶାର ବିକାଶ ପାଇଁ ତାଙ୍କର ନିଃସ୍ୱାର୍ଥପର ଅବଦାନ ଅବିସ୍ମରଣୀୟ । ମୟୂରଭଞ୍ଜର ଐତିହ୍ୟ, କଳା, ସଂସ୍କୃତିର ଇତିହାସକୁ ଉତ୍ତର ପିଢିଙ୍କୁ ସ୍ମରଣ କରାଇଦେବା ପାଇଁ ବଳାଙ୍ଗୀ ମହୋତ୍ସବ କମିଟି ତରଫରୁ ଭଞ୍ଜବଂଶ ଇତିହାସ ଅତୀତର ଭଞ୍ଜରାଜ୍ୟ ରାଜଧାନୀ ଖିଚିଂ, ବହଳଦା, ହରିପୁର ଓ ବାରିପଦା- ଚାରିଟି ଯାକ ରାଜଧାନୀକୁ ଏହି ଜାଗରଣ ଯାତ୍ରା ଓ ଜ୍ୟୋତିରଥ ସ୍ପର୍ଶ କରିବ । ଏହି ପରିପ୍ରେକ୍ଷୀରେ ରାଇରଙ୍ଗପୁର ସହରସ୍ଥ ସ୍ଥାନୀୟ ଦୁର୍ଗାମଣ୍ଡପ ଛକରେ ସାମ୍ବାଦିକ ସୌରଭ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି । ଏଥିରେ ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ବଳାଙ୍ଗୀ ସେନାର ଅଧକ୍ଷ କୁମାରେଶ ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ସମ୍ପାଦକ ଦୀପକ କୁମାର ନାୟକ, ସଦସ୍ୟ ଇନ୍ଦୁମତି ମହାନ୍ତି, ଦୀଲ୍ଲିପ କୁମାର ପାତ୍ର, ଅଧ୍ୟାପକ ବିଜୟ କୁମାର ରାମ, ବରିଷ୍ଠ ଆଇନଜିବୀ ରସାନନ୍ଦ ଲେଙ୍କା, ଅଧ୍ୟାପକ ସୁନୀଲ କୁମାର ଜେନା, ଶିକ୍ଷକ ରଞ୍ଜନ କୁମାର ନନ୍ଦ, ଦୁର୍ଜ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ପ୍ରଶାନ୍ତ ପରୀକ୍ଷା, ସାମ୍ବାଦିକ ତୁଷାରକାନ୍ତ ମହାନ୍ତ, ବିଷ୍ଣୁପ୍ରସାଦ ଜେନା, ଡକ୍ଟର ତନ୍ମୟୀ ରଥ, ଜୟସେନ, ରେଡି ଭଲେଟିୟାର ସଦସ୍ୟାଗଣ ଉଶଷି ବେହେରା, ଜୟଶ୍ରୀ ବେହେରା, ବର୍ଷାରାଣୀ ବେହେରା, ତୋପାଇ ବେହେରା ତଥା ବଳାଙ୍ଗୀ ମହୋତ୍ସବ ପରିବାରର ସଦସ୍ୟଗଣ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଲିଂ ଅଧିକାରୀଙ୍କୁ ତାଲିମ

ଚମ୍ପୁଆ, ୧୫।୩(ସମିସ): ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ନିମନ୍ତେ ଆଜିଠାରୁ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କ ତାଲିମ ଶିବିର ଚମ୍ପୁଆ ବ୍ଲକ ପାଇଁ ସ୍ଥାନୀୟ ମହତାବ ହାଇସ୍କୁଲରେ ଆରମ୍ଭ ହୋଇଛି । ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ହେବାକୁ ଥିବା ଏହି ତାଲିମ ଶିବିର ସକାଳ ୯.୩୦ରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁଥିବା ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ ମାଝୀ ସୂଚନା ଦେଇଛନ୍ତି । ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏହି ତାଲିମ ଶିବିର ୫ଟି ବ୍ଲକ ଯଥା-ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, ପାଟଣା ଓ ସାହାରପଡ଼ାର ବିଭିନ୍ନ ଅନୁଷ୍ଠାନରେ ଆରମ୍ଭ ହୋଇଛି । ବିଭିନ୍ନ ତାଲିମ ଶିବିରରେ ବ୍ଲକର ବିଡିଓ, ତହସିଲଦାରଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ । ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ଡିସ୍ପୋଜାଲ କେନ୍ଦ୍ରରୁ ବୁଥ ପର୍ଯ୍ୟନ୍ତ ଯିବେ, ବୁଥରେ କେଉଁ କର୍ମଚାରୀଙ୍କ କ'ଣ କାମ ତାହା ବୁଝାଇଥିଲେ । ଭୋଟ ଗ୍ରହଣ ଦିନ ଶାନ୍ତିଶୃଙ୍ଖଳାର ସହ ଭୋଟଦାନ ପ୍ରକ୍ରିୟା କିପରି କରି ପାରିବେ । ସେକ୍ଟର ଅଫିସରଙ୍କ ସହ ଯୋଗାଯୋଗ କରି ପ୍ରତି ଦୁଇ ଘଣ୍ଟାକୁ ଥରେ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ । ଇଭିଏମ, ଭିଭିପାର୍ଟ କିପରି ସଂଯୋଗ କରିବେ, କଣ୍ଟ୍ରୋଲ ୟୁନିଟ୍‌ର କାର୍ଯ୍ୟ ଆଦିର ସୂଚନା ଦେଇଥିଲେ । ପ୍ରତ୍ୟେକ ପୋଲିଂ ଅଧିକାରୀ ନିଜ ନିଜର କର୍ତ୍ତବ୍ୟକୁ ସମ୍ପାଦାନ କରିବାରେ ସଫଳ ହେଲେ ଯାଇ ଗଣତନ୍ତ୍ରର ପବିତ୍ର କାର୍ଯ୍ୟ ନିର୍ବାଚନ ସଫଳ ହୋଇପାରିବ ବୋଲି ଉପଜିଲ୍ଲାପାଳ ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ ।

## ହାଟଡିହୀ ବିକାଶ ପରିଷଦର ବନ୍ଧୁମିଳନ



ସୋସୋ, ୧୫।୩(ସମିସ): ହାଟଡିହୀ ବିକାଶ ପରିଷଦ ପକ୍ଷରୁ ୩୪ନଂ ଜୋନର ସୋସୋ ଠାରେ ଏକ ବନ୍ଧୁମିଳିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନନ୍ଦଚରଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଦ୍ମନାଭ ଜେନା, ଜିତେନ୍ଦ୍ର ରାଉତ, ବିଭୂତି ଶାସିନୀ, ସରୋଜ ମଲ୍ଲିକ, ବୈଲୋଚନ ନାୟକଙ୍କ ସହ ଗିରିଶ ନାୟକ, ଭୁତନାଥ ଭୁଇଁଆ, ଭୀମସେନ ବେହେରା, ଦେବନ୍ଦ୍ର ପ୍ରଧାନ, ଶତ୍ରୁଘନ ରାଉତ, ହିମାଂଶୁ ଜେନା, ମୋହନ ମଲ୍ଲିକ, ନିରାକାର ରାଉତ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ଏହି ନିର୍ବାଚନ ମଣ୍ଡଳିର ବିକାଶ ପରିଷଦ ପକ୍ଷରୁ ଜୋନସ୍ତରୀୟ ବୈଠକ କରାଯାଇଛି ।

## ମହିଳାଙ୍କ ଆତ୍ମହତ୍ୟା

କୁଆମରା, ୧୫ ।୩(ସମିସ): ଖୁଣ୍ଟା ଥାନା ଅଧୀନ ବାଂଗରା ଗ୍ରାମର ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଉଛନ୍ତି ବିରଞ୍ଚି ନାଏକଙ୍କ ପତ୍ନୀ ରେବତୀ (୩୫) । ଗୁରୁବାର ରାତିରେ ପରିବାର ଲୋକେ ସମସ୍ତେ ଏକାଠି ଖାଇ ପାଇ ଶୋଇଥିଲେ । ମାତ୍ର ରେବତୀ କୌଣସି କାରଣରୁ ଘର ବାଡି ପଛ ପଟେ ଥିବା ଏକ ଗଛରେ ବେକରେ ରଶୀ ଲଗାଇ ଝୁଲୁ ଥିବାର ଆଜି ସକାଳେ ଦେଖିବାକୁ ପାଇଥିଲେ । ପୁଲିସ ପହଞ୍ଚି ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ୧୪/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତ୍ୟୁର ସଠିକ କାରଣ ଜଣାପଡ଼ି ନ ଥିଲେ ମଧ ରେବତୀ ଜଣେ ମାନସିକ ରୋଗୀ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି । ତାଙ୍କର ଗୋଟିଏ ୧୦ ବର୍ଷର ଝିଅ ଓ ୫ ମାସର ପୁତ୍ର ସନ୍ତାନ ଅଛନ୍ତି ।

### ଏଆଇ ସଂକ୍ରାନ୍ତ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

# ଦେଶ ଓ ବିଦେଶରୁ ୧୧୦ ଗବେଷକଙ୍କ ଯୋଗଦାନ

ବାରିପଦା, ୧୫ ।୩(ସମିସ)

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'କମ୍ପ୍ୟୁଟେସନାଲ୍ ଇଣ୍ଟେଲିଜେନ୍ସ ଇନ୍ ପ୍ୟାଟେର୍ଣ୍ଣ ରିକୋଗ୍ନିସନ୍' ଶୀର୍ଷକ ଏକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ସିଆଇପିଆର୍ ୨୦୨୪ ଉଦ୍‌ଘାଟିତ ହୋଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଆମେରିକାର ସାଉଥ୍ ଡାକୋଟା ବିଶ୍ୱବିଦ୍ୟାଳୟର ପ୍ରଫେସର କେସି ସନ୍ତୋଷ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ । ଆଇଏସ୍‌ଆଇ ବେଙ୍ଗାଲୁରୁର ସହଯୋଗୀ ପ୍ରଫେସର ଡ. ସରୋଜ କୁମାର ମେହେର ସମ୍ମାନିତ ଅତିଥି ଭାବେ ଏବଂ ଆଇଆଇଇଏସଟି ଶିବପୁରର ପ୍ରଫେସର ଡ. ଅସିତ କୁମାର ଦାସ, ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, ସଂଯୋଜିକା ପ୍ରଫେସର ଏମ୍ ହିମବିନ୍ଦୁ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗଦେଇ ଥିଲେ । ପ୍ରଫେସର ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆଜି କିପରି କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦେଖିବାକୁ ମିଳୁଛି ସେ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ପ୍ରଫେସର କେସି ସନ୍ତୋଷ ଏଭଳି ଏକ ସମ୍ମିଳନୀଗୁଡ଼ିକ ପରସ୍ପର ଭିତରେ ଜ୍ଞାନ ଆଦାନ ପ୍ରଦାନରେ ସହାୟକ ହୋଇଥାଏ ବୋଲି କହିଥିଲେ । ଆବାହକ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଜନ୍ମେଞ୍ଜୟ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଶାନ୍ତିସ୍ୱରୂପ ବସା ଧନ୍ୟବାଦ ଅର୍ପଣ କରିଥିଲେ । କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ସହଯୋଗ କରିଥିଲେ । ପରିଚାଳନାରେ ସହ-ଆବାହିକା ତଥା କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଶର୍ମିଳା ସୁବୁଦ୍ଧି ଓ ବିଭାଗୀୟ ସହକାରୀ ପ୍ରଫେସର ଡ ପାର୍ଥସାରଥୀ ମିଶ୍ର, ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଏବଂ କମ୍ପ୍ୟୁଟର ବିଜ୍ଞାନ ଓ କମ୍ପ୍ୟୁଟର ପ୍ରୟୋଗ ବିଭାଗର ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ଏହି ଦୁଇଦିନିଆ ସମ୍ମିଳନୀରେ ଦେଶ ଓ ବିଦେଶରୁ ୧୧୦ ଜଣ ଗବେଷକ ଗବେଷିକା ପଞ୍ଜୀକରଣ କରିଛନ୍ତି ଏବଂ ୯୦ ଜଣ ସେମାନଙ୍କର ଗବେଷଣାକୁ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ୟୁକେର ପ୍ରଫେସର ତାରିକ ଅହମଦ୍ ରସିଦ, ଅଷ୍ଟ୍ରେଲିଆର କୁଇନ୍‌ସ୍‌ଲାଣ୍ଡ ୟୁନିଭରସିଟି ଅଫ୍ ଟେକ୍ନୋଲଜିର ପ୍ରଫେସର ରିଚି ନାୟକ, ଇଟାଲୀର ଟେରାମୋ ବିଶ୍ୱବିଦ୍ୟାଳୟର ଡ ଡାନିଲୋ ପେଲୁସି, ଆଇଆଇଟି ପାଟନାରୁ ପ୍ରଫେସର ମହେଶ କୁମାର ଏଚ୍ କୋଲେକର, ଆଇଆଇଟି ଖଡ଼ଗପୁରର ଡ ଦେବାଶିଷ ସାମନ୍ତ, ଆଇଆଇଟି ଭୁବନେଶ୍ୱରର ଡ ଦେବୀପ୍ରସାଦ ଡୋଗ୍ରା, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ, ନାରୁଲା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲଜିର ଡ ସୌମେନ ବାନାର୍ଜୀ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଡ. ଅଶାନ୍ତ ରଞ୍ଜନ ରାଉତରାୟ, ଏନ୍‌ଆଇଟି ରାୟପୁରର ଡ. ସତ୍ୟପ୍ରକାଶ ସାହୁ ଓ ଡ.ଶୁଭେନ୍ଦୁ ରୂପ, ଆଇଆଇଇଏସ୍‌ଟି ଶିବପୁରର ଡ ମଳୟ କୁଲେ, ଭିସୁଟ୍ ବୁର୍ଲାର ଡ ବିଘ୍ନରାଜ ନାଏକ, ଆରଆଇଟି ତାମିଲନାଡୁର ଡ ଏସ୍ ବିମଲ, ଗିଟମ୍ ବିଶାଖାପାଟଣାର ଡ. ସୁରେଶ କୁମାର ପ୍ରେମଦା, ସୋଆ ବିଶ୍ୱବିଦ୍ୟାଳୟର ଡ ମନୋହର ମିଶ୍ର, ସିଭିରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଡ ରାମ ବାରିକ, ଆଲ୍‌ହା ବିଶ୍ୱବିଦ୍ୟାଳୟ କଲିକତାର ଡ ସୌଭିକ ସେନଗୁପ୍ତ, ୟୁଇଏମ୍ କଲିକତାର ଶଙ୍ଖଦୀପ ଚାଟାର୍ଜୀ ଏବଂ ଏନଆଇଟି ରାଉରକେଲାର ଡ. ପଙ୍କଜ ସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

### ● ଚେତିଲା ବନ ବିଭାଗ

# ବନ ବିଭାଗର ତଦନ୍ତ, ବିସିଦେବ ଖଣିରେ କାର୍ଯ୍ୟାନୁଷ୍ଠାନ

ଯୋଡ଼ା, ୧୫।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳରେ ଥିବା ଇଙ୍ଗାଣିଝରଣ ବିସି ଦେବ ଖଣିରୁ ଖଣିଜ ପରିବହନ ପାଇଁ ସଂରକ୍ଷିତ ଜଙ୍ଗଲରେ ଗଛ କାଟି ରାସ୍ତା ନିର୍ମାଣ କରିଥିବା ଅଭିଯୋଗରେ ବନ ବିଭାଗ ପକ୍ଷରୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଇଙ୍ଗାଣିଝରଣ ବିସି ଦେବ ଖଣିର ୧୧୬କୋଟି ଟଙ୍କା ଅବୈଧ ଖଣି ଖନନ ପାଇଁ ଜରିମାନା କରାଯାଇଛି । ସର୍ବୋଚ୍ଚ ନ୍ୟାୟାଳୟ ଖଣିରେ ଗଚ୍ଛିତ ଥିବା ଖଣିଜକୁ ବିକ୍ରି କରି ୨୦୨୪ ଏପ୍ରିଲ ମାସ ମଧ୍ୟରେ ଜରିମାନା ପୈଠ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ମୁତାବକ ଗଚ୍ଛିତ ଖଣିଜକୁ ପରିବହନ କରିବା ପାଇଁ ବିସି ଦେବ ଖଣି ସଂସ୍ଥା ଖଣି ବିଭାଗ ନିକଟରୁ ଖଣିଜ ପରିବହନର ଅନୁମୋଦନ ନେଇ ଲୁହାପଥର ଗୁଣ୍ଡରେ ରାସ୍ତା ନିର୍ମାଣକରି ଖଣିରୁ ଗୁରୁବାର ଅପରାହ୍ନ ଠାରୁ ଜଙ୍ଗଲ ଜମିରେ ଗଛ କାଟି




ରାସ୍ତା ନିର୍ମାଣ କରି ପରିବହନ କାର୍ଯ୍ୟ କରିଆସୁଛି । ଏ ନେଇ ଦୈନିକ 'ସକାଳ'ରେ ଗୁରୁବାର ଖବର ପ୍ରସାରଣ ପରେ ଯୋଡ଼ା ବନପାଳ ତ୍ରିନାଥ ଜେନା, କେନ୍ଦୁଝର ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ଉ କରି ଜଙ୍ଗଲ ଜମିରେ ନିର୍ମିତ ରାସ୍ତାକୁ ମେସିନ ଲଗାଇ ଖୋଳି ଦେବାସହ ପରିବହନ ମଧ ବନ୍ଦ କରି ଦେଇଛନ୍ତି । ଏ ନେଇ ଯୋଡା ବନପାଳ ତ୍ରିନାଥ ଜେନା କହିଛନ୍ତି ଯେ, ବୈତରଣୀ ସଂରକ୍ଷିତ ଜଙ୍ଗଲରେ ରାସ୍ତା ନିର୍ମାଣ କରି ସମ୍ପୃକ୍ତ ଖଣି କମ୍ପାନୀ ଖଣିଜ ପରିବହନ କରୁଥିଲା । ଯେହେତୁ ଏହି ରାସ୍ତାଟି ଅବୈଧ ଭାବେ ଜଙ୍ଗଲ ଜମିରେ ଗଛ କାଟି ନିର୍ମାଣ କରାଯାଇଛି । ଏହାକୁ ସେ ତଦନ୍ତ ପରିସରଭୁକ୍ତ କରିଥିଲେ ଓ ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଡ଼ା ବନପାଳ କହିଛନ୍ତି । ତେଣେ ଖଣି ବିଭାଗ ଜଙ୍ଗଲ ଜମି ଦେଇ ପରିବହନ ହେଉଥିବା ଜାଣି ମଧ୍ୟ କିପରି ଉକ୍ତ ମାର୍ଗରେ ଖଣିଜ ପରିବହନ ଅନୁମୋଦନ ଦେଲେ ଏ ନେଇ ଯୋଡା ଖଣି ଉପ ନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ କରି ଖଣିଜ ପରିବହନ ପାଇଁ ଅନୁମୋଦନ ଦିଆଯାଇ ନାହିଁ। ଉକ୍ତ ଖଣିର ପୁରୁଣା ରାସ୍ତାରେ ଖଣିଜ ପରିବହନ ପାଇଁ ଅନୁମତି ଦିଆଯାଇଛି । ତେବେ ସେ ଏ ବାବଦରେ ବିଭାଗୀୟ ଅଧିକାରୀଙ୍କ ସହ କଥା ହେବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି କହିଥିଲେ ।

## ବାସନ ମାଜିବା ବେଳେ ଟଳିପଡ଼ିଲେ ମହିଳା

**ତୁରୁମୁଙ୍ଗା,୧୫।୩(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଚେମେଣା ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ବେଣୁଧର ବେହେରାଙ୍କ ପତ୍ନୀ ଫୁଲମଣୀ ବେହେରା (୬୪)। ସୂଚନା ଅନୁସାରେ ଶୁକ୍ରବାର ସକାଳୁ ସେ ବାସନ ମାଜୁଥିବା ସମୟରେ ଟଳି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ତୁରୁମୁଙ୍ଗା ଥାନା ଏଏସ୍ଆଇ ବିରେନ୍ଦ୍ର କିଶୋର ବେହେରା ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ତାଳଗାଁ ଛକରେ ଦୁର୍ଘଟଣା; ଯୁବକର ମୃତ୍ୟୁ

**ଆନନ୍ଦପୁର,୧୫।୩(ସମିସ):** ୨୦ନଂ ଜାତୀୟ ରାଜପଥର ତାଳଗାଁ ଛକ ନିକଟରେ ଆଜି ଏକ ଅଜଣା ଗାଡି ଧକ୍କାରେ ବିରଗୋବିନ୍ଦପୁର ଗ୍ରାମର ଶଶୀ ମୁର୍ମୁ(୩୨)ଙ୍କ ମୃତ୍ୟୁ ହୋଇଯାଇଛି। ଧକ୍କା ଦେଇଥିବା ଗାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ଗାଡିକୁ ଠାବ କରିବା ପାଇଁ ପୁଲିସ ଉଭୟ କେନ୍ଦୁଝର ଓ ଯାଜପୁର ଜିଲ୍ଲାର ବିଭିନ୍ନ ଥାନାକୁ ସୂଚନା ଦେଇଛି। ଆନନ୍ଦପୁର ଡାକ୍ତରଖାନାରେ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ଘଟଣାର ସବିଶେଷ ଅନୁଧ୍ୟାନ ଚଳାଇଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ବିରଗୋବିନ୍ଦପୁର ଗ୍ରାମର ମୃତ ଶଶୀ ରାସ୍ତା ପାଶ୍ୱର୍ରେ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣା ଗାଡି ଧକାରେ ତଳେ ପଡିଯାଇଥିଲେ। ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଯାଇଥିବା ବେଳେ ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି।

## ଗାଁ ପୁରୋହିତଙ୍କ ପରଲୋକ



**ରାମଚନ୍ଦ୍ରପୁର,୧୫।୩ (ସମିସ):** ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ଖଣ୍ଡିଦୋଳୀ ସାହିର ବୈୟୋଜ୍ୟେଷ୍ଠ ମୁରବୀ ତଥା ବରିଷ୍ଠ ପୁରୋହିତ ବେଣୁଧର ନନ୍ଦ (୭୫) ଓରଫ ନାଲୁଆ ନନାଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ସକାଳୁ ନିତ୍ୟକର୍ମ ସାରି ଠାକୁର ପୂଜା କରିବା ପରେ ହଠାତ ହୃଦ୍‌ଘାତର ଶିକାର ହୋଇ ଘରେ ଟଳି ପଡିଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଜଣେ ମିଷ୍ଟଭାଷୀ ପରୋପକରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଖବର ପାଇ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ପୁଅ ରମାକାନ୍ତ ନନ୍ଦ ମୁଖାଗ୍ନି ଦେଇଥିଲେ।

## ସାଇଁକୁଳ ଉପ-ଡାକଘର ଆଧାର ମେସିନ ଅଚଳ



**ରାମଚନ୍ଦ୍ରପୁର,୧୫।୩(ସମିସ):** ସାଇଁକୁଳ ଉପଡାକଘର ଆଧାର ମେସିନ ଦୀର୍ଘ ଏକ ମାସ ହେବ ଅଚଳ ହୋଇଥିଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଅଦ୍ୟାବଧି କାର୍ଯ୍ୟକ୍ଷମ କରିପାରୁ ନଥିବାରୁ ସାଧାରଣରେ ଘୋର ଅସନ୍ତୋଷ ବୃଦ୍ଧି ପାଇଛି। ସାମ୍ପ୍ରତିକ ସମୟରେ ଛାତ୍ରଛାତ୍ରୀ ତଥା ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କ ପାଇଁ ସଂଶୋଧିତ ଆଧାର ପରିଚୟ ପତ୍ର ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଥିବା ଆଧାର ମେସିନ ଅଚଳ ଘଟଣାକୁ ବୁଦ୍ଧିଜୀବୀ ଛାତ୍ରଛାତ୍ରୀ ତଥା ସ୍ଥାନିୟ ଅଞ୍ଚଳବାସୀଙ୍କ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ଦୈନନ୍ଦିନ ସାଇଁକୁଳ ଉପଡାକଘର ଉପରେ ଶହ ଶହ ଜନସାଧାରଣ ନିର୍ଭର କରୁଥିବା ବେଳେ ଛାତ୍ର ଛାତ୍ରୀ ଏବଂ ଅନେକ ବୟସ୍କ ଲୋକ ଆଧାର କାର୍ଡ ସଂଶୋଧନ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏଠାକୁ ଆସି ନିରାସ ହୋଇ ଫେରୀ ଯିବା ପରେ ଦଶ କିମି ଦୂର ଘସିପୁରା ଉପ-ଡାକଘର ସମ୍ମୁଖରେ ଦିନ ତମାମ ଲାଇନରେ ଠିଆ ହେବାକୁ ପଡୁଛି। ଯାହାକି ଛାତ୍ରଛାତ୍ରୀ ଏବଂ ଗରିବ ଦିନମଜୁରିଆଙ୍କ ପାଇଁ ଅସହ୍ୟ ହେଉଛି। ତେଣୁ ସାଇଁକୁଳ ଉପ-ଡାକଘରର ଆଧାର ମେସିନ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ନିମନ୍ତେ ସାଇଁକୁଳ ଆଞ୍ଚଳିକ ନାଗରିକ ମଞ୍ଚ ତରଫରୁ ଜିଲ୍ଲା ଡାକଘର ଅଧିକାରୀଙ୍କୁ ନିବେଦନ କରାଯାଇଛି।

## ସାମ୍ବାଦିକଙ୍କ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ




**ତେଲକୋଇ,୧୫।୩(ସମିସ):** ସରକାରଙ୍କ ନିକଟରେ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ଓ ପେନସନ ଦାବିରେ ତେଲକୋଇ ପ୍ରେସ କ୍ଲବ ଠାରେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରାଯାଇଛି। ରାଜ୍ୟ ଓୟୁଜେ ପକ୍ଷରୁ ଆଜି ସାମ୍ବାଦିକ ସୁରକ୍ଷା ଆଇନ୍ ତଥା ପେନ୍‌ସନ ଦାବିରେ ସାରା ରାଜ୍ୟରେ ପ୍ରତିବାଦର ସ୍ୱର ଉତ୍ତୋଳନ କରାଯାଇଥିବା ବେଳେ ତେଲକୋଇ ଶାଖା ପକ୍ଷରୁ ମଧ୍ୟ ପ୍ରତୀକାତ୍ମକ ପ୍ରତିବାଦ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବିରଞ୍ଚି କୁମାର ବେହେରା, ଅନୁକୂଳ ବିଶ୍ୱାଳ, ଅକ୍ଷୟ କୁମାର ପ୍ରଧାନ, ଈଶ୍ୱର ଚନ୍ଦ୍ର ବାରିକ, ଅମରେଶ ପ୍ରଧାନ, କୈଳାସ ଚନ୍ଦ୍ର ପ୍ରଧାନ, ଲୋକନାଥ ସାହୁ, ବିଭୁତି ଭୁଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମତ୍ସ୍ୟଚାଷୀଙ୍କୁ ମିଳିଲାନି ଦୁଇଦିନିଆ ତାଲିମ ଶିବିର ସୂଚନା

**ଆନନ୍ଦପୁର,୧୫।୩(ସମିସ)**



ଆନନ୍ଦପୁର ଉପଖଣ୍ଡର ମତ୍ସ୍ୟଚାଷୀଙ୍କୁ ଆଧୁନିକ ପ୍ରଣାଳୀରେ ଓ ନୂତନ କିସମର ଯାଆଁଳ ବ୍ୟବହାର କରି କମ୍ ସମୟରେ ଅଧିକ ଉତ୍ପାଦନ କରିବା ନିମନ୍ତେଦୁଇଦିନିଆ ତାଲିମ ଶିବିର ଆୟୋଜନ କରାଯିବାକୁ ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ଏ ସମ୍ପର୍କରେ ଯଥେଷ୍ଟ ପୂର୍ବରୁ ବିଧିବଦ୍ଧ ପ୍ରଚାର ପ୍ରସାର କରିନଥିବାରୁ ମାତ୍ର ହାତଗଣତି ବ୍ୟକ୍ତିବିଶେଷଙ୍କୁ ନେଇ କାର୍ଯ୍ୟକ୍ରମ ଶେଷ କରିଦିଆଯାଇଥିଲା। ସୂଚନା ପାଇନଥିବାରୁ ଅନେକ ମତ୍ସ୍ୟଚାଷୀ ଏହି ତାଲିମ ଶିବିରରେ ଯୋଗ ଦେଇ ପାରିନଥିବା ଅଭିଯୋଗ ହୋଇଛି। ଘସିପୁରା କୃଷି ଓ ପରାମର୍ଶ କେନ୍ଦ୍ରର ସଭାପତି ଅକ୍ଷୟ ସାହୁ ଜଣେ ଅଗ୍ରଣୀ ମତ୍ସ୍ୟଚାଷୀ ହୋଇଥିଲେ ବି ତାଙ୍କୁ ତାଲିମ ଶିବିର ସମ୍ପର୍କରେ କୌଣସି ସୂଚନା ଦିଆଯାଇନଥିବା ସେ କହିଛନ୍ତି। ମିଳିଥିବା ସୂଚନାନୁଯାୟୀ, ମତ୍ସ୍ୟ ବିଭାଗ ପକ୍ଷରୁ ପ୍ରୋତ୍ସାହନ ମିଳୁନଥିବାରୁ ଏଠାରେ ମତ୍ସ୍ୟ ଉତ୍ପାଦନ ନିରୁତ୍ସାହଜନକ ସ୍ଥିତିରେ ଥିବାରୁ ଆନ୍ଧ୍ରପ୍ରଦେଶରୁ ଆସୁଥିବା ମାଛ ସ୍ଥାନୀୟ ଅଞ୍ଚଳର ଚାହିଦା ମେଣ୍ଟାଉଥିବା ଜଣାଯାଇଛି। ଏହାଛଡା ଲୋକେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ସମୁଦ୍ର ମାଛ ଉପରେ ନିର୍ଭର କରୁଛନ୍ତି। ମତ୍ସ୍ୟ ବିଭାଗ ପକ୍ଷରୁ ନାମକୁ ମାତ୍ର ତାଲିମ ଶିବିର କରାଯାଉଥିବା ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି। ମତ୍ସ୍ୟଜୀବୀମାନଙ୍କୁ ତାଲିମ ଓ ସରକାରୀ ପ୍ରୋତ୍ସାହନ ପ୍ରଦାନ ପାଇଁ ଆନନ୍ଦପୁର, ଘସିପୁରା, ହାଟଡିହି ବ୍ଲକରେ ମତ୍ସ୍ୟ ବିଭାଗର କାର୍ଯ୍ୟାଳୟ ରହିଛି। ଏଠାରେ ସ୍ୱତନ୍ତ୍ରଭାବେ ମତ୍ସ୍ୟ ଅଧିକାରୀ ନିଯୁକ୍ତି ପାଇଛନ୍ତି। କିନ୍ତୁ ବିଭାଗୀୟ କାର୍ଯ୍ୟାଳୟରୁ ପ୍ରକୃତ ମତ୍ସ୍ୟଚାଷୀଙ୍କୁ କୌଣସି ସହଯୋଗ ମିଳୁନଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଉପଖଣ୍ଡର ମତ୍ସ୍ୟଚାଷୀମାନେ ପ୍ରୋତ୍ସାହନ ଅଭାବରୁ ଲାଭବାନ ହୋଇପାରୁନାହାନ୍ତି। ସେହିପରି ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ ଅଞ୍ଚଳରୁ ବହୁ ପରିମାଣର ଦେଶୀମାଛ ଆସି ଆନନ୍ଦପୁର, ଘସିପୁରା ବଜାରରେ ବିକ୍ରି ହେଉଛି। କିନ୍ତୁ ବଜାରକୁ ସ୍ଥାନୀୟ ଚାଷୀଙ୍କ ମାଛ ଆସୁନଥିବାରୁ ଦର ଉଚ୍ଚା ରହୁଥିବା ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ମତ୍ସ୍ୟଚାଷୀଙ୍କୁ ନେଇ ତାଲିମ ଶିବିର କରାଯାଉଛି। ଗତ ଦୁଇଦିନ ଧରି ଘସିପୁରା କୃଷି ତାଲିମ କେନ୍ଦ୍ରରେ ଏହି ଶିବିର ହୋଇଥିଲା। ତାମିଲ ଶିବିରକୁ ହାତଗଣତି କିଛି ମତ୍ସ୍ୟଚାଷ ଆସୁଥିବା ବେଳେ ପ୍ରକୃତ ଚାଷୀଙ୍କ ଉପସ୍ଥିତ ଦେଖିବାକୁ ମିଳିନଥିଲା। ମଧ୍ୟାହ୍ନଭୋଜନ ଖାଇବା ପରେ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଯାଉଥିବା ନେଇ ମତ୍ସ୍ୟଚାଷୀ ରଞ୍ଜନ ରାଉତ କହିଛନ୍ତି। ତାଙ୍କୁ ମତ୍ସ୍ୟ ବିଭାଗ ପକ୍ଷରୁ କୌଣସି ସହାୟତା ମିଳୁନି। ଏ ସମ୍ପର୍କରେ ଘସିପୁରା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ପାବନି ପ୍ରସାଦ ଆଚାର୍ଯ୍ୟଙ୍କୁ ପଚାରିବାରୁ ତାଲିମ ସମ୍ପର୍କରେ ଆନନ୍ଦପୁର ଉପଖଣ୍ଡର ତିନି ବ୍ଲକ ସମେତ ପଡୋଶୀ ଘଟଗାଁ, ହରିଚନ୍ଦନପୁର ଓ ପାଟଣା ବ୍ଲକରେ ମତ୍ସ୍ୟଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା। ତେବେ ଶିବିରକୁ ଅନେକ ଚାଷୀ ଆସିନଥିବା ସେ କହିଛନ୍ତି।

## ଜଗମୋହନପୁରରୁ ପୁରୀକୁ ଗଡ଼ିଲା ବସ୍



**ତେଲକୋଇ,୧୫।୩(ସମିସ):** ତେଲକୋଇବାସୀଙ୍କ ବହୁ ଦିନର ଦାବି ପୂରଣ ହୋଇଛି। ଆଜି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ୪୯ ନଂ.ଜାତୀୟ ରାଜପଥ ଜଗମୋହନପୁରଠାରୁ ଜଗନ୍ନାଥଧାମ ପୁରୀକୁ ସିଧାସଳଖ ଏକ ସରକାରୀ ବସ ଗଡିଛି। ଓଡିଶା ରାଜ୍ୟ ପରିବହନ ନିଗମର ଏକ ନନ୍‌ଏସି ୩୯ ସିଟ୍ ବିଶିଷ୍ଟ ବସ ଚଳାଚଳ ଆରମ୍ଭ କରିଛି। ସଂନ୍ଧ୍ୟା ୭ଟା ୩୦ ମିନିଟ୍ ସମୟରେ ଜଗମୋହନପୁରରୁ ବାହାରି ତେଲକୋଇ-ବିମଳା -କାଳିଆହତା- କଙ୍କଡାହାଡ-କାମାକ୍ଷାନଗର-ଢେଙ୍କାନାଳ- ଖୁଣ୍ଟୁଣୀ-ଆଠଗଡ-କଟକ-ଭୁବନେଶ୍ୱର ଦେଇ ଭୋର ୪ଟା ୧୫ ମିନିଟରେ ପୁରୀରେ ପହଞ୍ଚିବ। ଆଜି ଜଗମୋହନପୁର ଠାରେ ତେଲକୋଇ ବ୍ଲକ ଅଧକ୍ଷ ବିକ୍ରମ ନାୟକ, ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଧନୁର୍ଜୟ ସିଦୁ, ଜଗମୋହନପୁର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସମିତି ସଭ୍ୟ ଶତ୍ରୁଘନ ନାୟକ, ଛାମୁଣ୍ଡା ସରପଞ୍ଚ ସୁଷମା ନାୟକ, ବିଞ୍ଝବାହାଳ ସରପଞ୍ଚ ସୌମେନ୍ଦ୍ର କୁମାର ନାଏକ, ଅନନ୍ତ ଚରଣ ସାହୁ, ନିଶାକର ଖୁଣ୍ଟିଆ, ଜଳଧର ଖୁଣ୍ଟିଆ, ଇନ୍ଦ୍ରମଣି ସାହୁ ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରି ବସ୍‌ର ଶୁଭାରମ୍ଭ କରିଥିଲେ। ଏଠାରେ ସୂଚନାଯୋଗ୍ୟ କିଛି ଦିନ ତଳେ ଓଡ଼ିଶା ରାଜ୍ୟ ପରିବହନ ନିଗମର ଏମ୍‌ଡି ବିଶିକେଶନ ଦେହୁରୀଙ୍କ ତେଲକୋଇ ଗସ୍ତ ବେଳେ ତେଲକୋଇ ଅଞ୍ଚଳରୁ ଏକ ବସ୍ ପୁରୀକୁ ଚଳାଚଳ ପାଇଁ ସାଂସଦ ପ୍ରତିନିଧି କୈଳାସ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ଦାବି କରିଥିଲେ। ରାଜ୍ୟ ସରକାର ଦାବିକୁ ଗୁରୁତ୍ୱ ଦେଇ ବସ୍ ସେବା ଯୋଗାଇ ଦେଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ



**ହାଟଡ଼ିହୀ,୧୫।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ଚଣ୍ଡିଆବିରଞ୍ଚିପୁର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଉଦୟନାଥ କରଙ୍କ ସଂଯୋଜନାରେ ଆୟୋଜିତ ବାର୍ଷିକ ଉତ୍ସବରେ ଅତିଥି ଭାବେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରତିଷ୍ଠାତା ନରେନ୍ଦ୍ରନାଥ କର, ହାଟଡିହୀ ବିଇଓ ଓଁକାର ଅନ୍ୱେଷ, ପଦ୍ମଶ୍ରୀ ଦୈତାରୀ ନାଏକ, ଜାଭିୟର୍ସ ହାଇସ୍କୁଲର ସମ୍ପାଦକ ଅଶୋକ କୁମାର ସାହୁ, ଜାଭିୟର୍ସ ଉପସଭାପତି ଗୋଲକ ବିହାରୀ ସାହୁ, ଅବସରପ୍ରାପ୍ତ ଆନନ୍ଦପୁର ବିଇଓ ଶରତ କୁମାର ରାଉତ, ଅବସରପ୍ରାପ୍ତ ରେକୁଟିଆ କଲେଜ୍ ଅଧକ୍ଷ ଗୋଲକ ବିହାରୀ ଆଚାର୍ଯ୍ୟ, ଅବସରପ୍ରାପ୍ତ ବିଇଓ ଘଟଗାଁ ରଘୁନାଥ ବେହେରା ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ତନୁଶ୍ରୀତନୟା ପହି, ପାର୍ଥସାରଥୀ ଜେନା, ସୁଦୀପ୍ତ ଦାସ, ହିମାଂଶୁ ରଞ୍ଜନ ବାରିକ୍, ବ୍ରହ୍ମାନନ୍ଦ ମଲ୍ଲିକ, ଦୟାନିଧି ଚିନରା, ବିଜୟ କୁମାର ପହି, ଦେବେନ୍ଦ୍ରନାଥ ପାଢ଼ୀ, ସୁଚିତ୍ରା ଦାସ, ଇତିଶ୍ରୀ ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, ପ୍ରଶାନ୍ତ କୁମାର ଦାଶ, କାବେରୀ ନାୟକ, ରାଜଶ୍ରୀ ସୁଆର, ଶୁଭଶ୍ରୀ ପଣ୍ଡା, ସନ୍ଧ୍ୟାଲକ୍ଷ୍ମୀ ଜେନା, ବିଷ୍ଣୁପ୍ରିୟା ଦାସ, ଉର୍ମି ମହାନ୍ତି, ଭାଗ୍ୟଶ୍ରୀ ସାହୁ, ଉମାକାନ୍ତ ରାଉତ, ହଳଧର ମଲ୍ଲିକ, ବାଦଲ ଜେନା ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଅତିଥିମାନଙ୍କୁ ସଭାପତି ଉଦୟନାଥ କର ଉତ୍ତୋରୀୟ ସହ ମହାପ୍ରଭୁ ଜଗନ୍ନାଥଙ୍କ ତୈଳ ଫଟୋଚିତ୍ର ଦେଇ ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ସାମିଲ ହୋଇଥିଲେ। ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା, ଶିକ୍ଷା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ବିଦ୍ୟାଳୟର କର୍ମଚାରୀ ମଞ୍ଜୁଲତା ଖୁଣ୍ଟିଆ, ମନୋରମା ସେଠୀ, ଉର୍ମିଳା ସେଠୀ, ପ୍ରମିଳା ପାତ୍ର ପ୍ରମୁଖଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଏବଂ ସୁରକ୍ଷାକର୍ମୀମାନେ ସହଯୋଗ କରିଥିଲେ।

## ଡାଲି ଜାତୀୟ ଫସଲ ଉପରେ ତାଲିମ




**ତେଲକୋଇ,୧୫।୩(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ଦୁର୍ଲଭପୁର ଓ କନ୍ତଲେଇ ଗ୍ରାମରେ ଆଜି ଚାଷୀମାନଙ୍କୁ ନେଇ କ୍ଷେତ୍ର ଦିବସ ଅବସରରେ ଡାଲିଜାତୀୟ ଫସଲ ଉପରେ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା ମୃତ୍ତିକା ରସାୟନବିତ୍ ରବି ନାରାୟଣ ସାହୁ, ବ୍ଲକ କୃଷି ଅଧିକାରୀ ଲକ୍ଷ୍ମୀଦେବୀ ଶର୍ମା, କ୍ଷେତ୍ର ଅଧିଦର୍ଶକ ଯୋଗେଶ୍ୱର ନାଏକ, ଗୋଲେଖ ସାହୁ, ମନୋଜ ଦାସ ଉପସ୍ଥିତ ଥିଲେ। ତେବେ ଚାଷୀଙ୍କୁ ଡାଲି ଜାତୀୟ ଫସଲ ବୁଟର ଉତ୍ପାଦନ କ୍ଷମତା ଓ ଚାଷର ପ୍ରଣାଳୀକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ମାଟିର ଉର୍ବରତାକୁ ଏହି ତାଲିମରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ସେହିପରି କ୍ଷେତ୍ର ଦିବସରେ ରାଜ୍ୟ ଯୋଜନା ରହିଥିବା ବେଳେ ଉଭୟ ଗ୍ରାମର ଶତାଧିକ ଚାଷୀ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥଲେ।

## ଆନନ୍ଦପୁର କଲେଜରେ ବୈତରଣୀ ବକ୍ତୃତାମାଳା



**ଆନନ୍ଦପୁର,୧୫।୩(ସମିସ):** ଆନନ୍ଦପୁର ମହାବିଦ୍ୟାଳୟରେ ଏକାଦଶ ବୈତରଣୀ ବକ୍ତୃତା ମାଳା ମହାବିଦ୍ୟାଳୟର ଅଧକ୍ଷ ନାରାୟଣ ମିଶ୍ରଙ୍କ ପୌରୋହିତ୍ୟରେ ଓ ସଂଯୋଜକ ରବୀନ୍ଦ୍ର କୁମାର ନାୟକଙ୍କ ସହଯୋଗିତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବକ୍ତୃତାମାଳାରେ ସମ୍ମାନିତ ବକ୍ତାଭାବେ ନାଟ୍ୟକାର ତଥା ଉତ୍କଳ ବିଶ୍ୱବିଦ୍ୟାଳର ପୂର୍ବତନ ପ୍ରଫେସର ନାରାୟଣ ସାହୁ ଏବଂ ସାଧୁ ଅଖଣ୍ଡାନନ୍ଦ ସ୍ୱାମୀ ଯୋଗ ଦେଇଥିଲେ। ସଭାର ସଂଯୋଜନା ଅଧ୍ୟାପକ ରଘୁଦୀପ୍ତି ନାୟକ କରିଥିବା ବେଳେ ଅଧ୍ୟାପକ ବଶିଷ୍ଟ କୁମାର ବେହେରା ଅତିଥି ପରିଚୟ ଓ ଅଧ୍ୟାପକ କାହ୍ନୁ ଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଶେଖର ପ୍ରସାଦ ଦେବତା, ଶକ୍ତିପ୍ରସାଦ ମହାପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ରବୀନ୍ଦ୍ର କୁମାର ସାହୁ, ପ୍ରଦୀପ କୁମାର ଧଳ, ଶିବଚରଣ ବେହେରା, ଦିବ୍ୟାଲୋଚନ ଭୂୟାଁ, ଅଧ୍ୟାପକ ପ୍ରକାଶ କୁମାର ସାହୁ, ଦେବାଶିଷ ଆଚାର୍ଯ୍ୟ, ନାରାୟଣ ହେମ୍ବ୍ରମ, ପ୍ରଦୀପ ପୂର୍ତ୍ତି, ପ୍ରାଧ୍ୟାପିକା ଶ୍ରିଲେଖା ସାହୁ, ଅନିତା ଦାଶ, ଭାରତୀ ସାହୁ, ତନୁଶ୍ରୀ ପଣ୍ଡା, ସ୍ଥିତପ୍ରଜ୍ଞା ଜେନା, ପୁଷ୍ପଲତା ରାମ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ଆନନ୍ଦପୁର,୧୫।୩(ସମିସ):** ୨୦ ନମ୍ବର ଜାତୀୟ ରାଜପଥର ଶୈଳଙ୍ଗ ଟାଟା ମୋଟର ଛକ ଠାରୁ ସୌଲଙ୍କ ହୁଡି ବାଇପାସ ରାସ୍ତା ଉନ୍ନତିକରଣ ଭଣ୍ଡାରୀଡିହା ସ୍ଥିତ ସେଣ୍ଢେଇ ଉଚ୍ଚ ସେତୁ ଠାରେ ନଦୀ ଆଡ଼ି ବନ୍ଧ ନିର୍ମାଣ ଓ କେଶଦୁରାପାଳ ଉଚ୍ଚ ସେତୁ ଠାରେ ନଦୀ ଆଡ଼ି ବନ୍ଧ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ସମାଜସେବୀ ସଂଜୟ କୁମାର ମିଶ୍ର, ଭଣ୍ଡାରୀଡିହା ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ସାମୁକନାଣ୍ଡି ସମିତି ସଭ୍ୟ ଅକ୍ଷୟ ଜେନା, କେଶଦୁରାପାଳ ସରପଞ୍ଚ ମାନସୀ ମହାରଣା, ସମିତି ସଭ୍ୟ କୁନ୍ତଳା ମହାରଣା, ହରିପ୍ରସାଦ ମିଶ୍ର, ହୃଷିକେଶ ଆଚାର୍ଯ୍ୟ, ବଶ୍ୱନାଥ ଓଝା, ଅଶୋକ ମାଝୀ, ମଧୁ ସାହୁ, କୃଷ୍ଣଚନ୍ଦ୍ର ମହାରଣା, ନୀଳ ଓଝା, ନିର୍ମଳ ଆଚାର୍ଯ୍ୟ, ଗଣେଶ ମହାଳିକ ଓ ଶତାଧିକବ୍ୟକ୍ତି ଯୋଗ ଦେଇଥିଲେ।

**ଚମକପୁର ପଞ୍ଚାୟତରେ ଏମ୍‌ବିକେ ନିଯୁକ୍ତିରେ ଛକାପଞ୍ଝା**

# ୫ ମାସ ପରେ ବିନା ସୂଚନାରେ ବହିଷ୍କାର, ଅନ୍ୟଜଣଙ୍କୁ ନିଯୁକ୍ତି

**ଯୋଡ଼ା,୧୫।୩(ସମିସ)**

ଯୋଡ଼ା ବ୍ଲକ ଅନ୍ତର୍ଗତ ଚମକପୁର ପଞ୍ଚାୟତରେ ମାଷ୍ଟର ବୁକ୍ କିପର (ଏମ୍‌ବିକେ) ନିଯୁକ୍ତି ନେଇ ବାରମ୍ବାର ଛକାପଞ୍ଝା ଦେଖିବାକୁ ମିଳୁଛି। ଏହି ପଦବୀ ନିମନ୍ତେ ସୁଚରିତା ନାଏକ ଓ ଅଞ୍ଜଳି ମହାନ୍ତ ନାମକ ମହିଳା ଆବେଦନ କରିଥିଲେ। ଦୁଇଜଣଙ୍କୁ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍ୟ ପ୍ରମାଣ ପତ୍ର ଯାଞ୍ଚ ନିମନ୍ତେ ଯୋଡ଼ା ପଞ୍ଚାୟତ କାର୍ଯ୍ୟାଳୟକୁ ଡକାଯାଇଥିଲା। ଏଥିରେ ଅଞ୍ଜଳି ମହାନ୍ତ ଅନୁପସ୍ଥିତ ରହିଥିଲେ। ତେଣୁ ଗ୍ରାମପଞ୍ଚାୟତ ଲେଭୁଲ ଫେଡେରେସନ (ଜିଏଲ୍‌ଏଫ୍) ପକ୍ଷରୁ ଚିଠି ସଂଖ୍ୟା ୫ରେ ଜୁଲାଇ ୭ ତାରିଖରେ ସୁଚରିତାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଫଳରେ ସୁଚରିତା ବ୍ଲକ କାର୍ଯ୍ୟାଳୟରେ ଅସ୍ଥାୟୀ ଚାକିରି ଛାଡି ଏହି ଏମ୍‌ବିକେ ପଦରେ ଯୋଗ ଦେଇଥିଲେ। ନିଯୁକ୍ତି ପରେ ସରକାରଙ୍କ ନିୟମ ମୁତାବକ ସମସ୍ତ ତାଲିମ ଶିବିରରେ ଯୋଗଦେଇ ସେ ତାଲିମପ୍ରାପ୍ତ ହେବା ସହ ସୁଚାରୁରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ। ଏହାରି ଭିତରେ ଚିଠି ସଂଖ୍ୟା ୫୪୧ ତା ୮-୯-୨୦୨୩ରେ ଗାୟତ୍ରୀ ମିଶନ ଶକ୍ତି ଫେଡରେସନ ଯୋଡା (ଏ) ଓ ଏହାର ଶାଖା ବ୍ଲକ ଲେଭୁଲ ଫେଡରେସନ ଯୋଡା ଟ୍ରାଇବାଲ ପକ୍ଷରୁ ସୁଚରିତାକୁ ଚମକପୁରବାସୀ ନଥିବା ସହିତ କୌଣସି ସ୍ୱୟଂ ସହାୟକା ଗୋଷ୍ଠୀରେ ନଥିବା ଦର୍ଶାଇ କାର୍ଯ୍ୟରୁ ଅନ୍ତର କରାଯାଇ ତାଙ୍କ ସ୍ଥାନରେ ଅଞ୍ଜଳି ମହାନ୍ତଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ଘଟଣାକୁ ନେଇ ମିଶନ ଶକ୍ତି ସଚିବଙ୍କୁ ଏକ ଅଭିଯୋଗ ପତ୍ର ସୁଚରିତା ପ୍ରଦାନ କରିଥିଲେ। ସଚିବଙ୍କ ନିର୍ଦ୍ଦେଶକ୍ରମେ ଯୋଡା ବ୍ଲକ ଶିଶୁ ବିକାଶ ଅଧିକାରିଣୀ ସୁକାନ୍ତି ପାତ୍ରଙ୍କୁ ତଦନ୍ତ କରାଇ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଘଟଣାର ତଦନ୍ତ ନ କରି ସୁଚରିତା ନାଏକକୁ ପୁନଃ ନିଯୁକ୍ତି ଦିଆଯାଇଥିଲା। ସେ କାର୍ଯ୍ୟ ତୁଲାଇବା ସହିତ ୫ ମାସ ଧରି ଦରମା ମଧ୍ୟ ପାଇ ଆସୁଥିଲେ। ତେବେ ନିକଟରେ ସୁଚରିତା ନାଏକଙ୍କୁ କୌଣସି ପ୍ରାରମ୍ଭିକ ସୂଚନା ନଦେଇ କାର୍ଯ୍ୟରୁ ଅନ୍ତର କରାଯିବା ସହିତ ପୁନର୍ବାର ଅଞ୍ଜଳି ମହାନ୍ତଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ କୁହାଯାଇଥିଲା ବୋଲି ଅଭିଯୋଗ ହେଉଛି। ସୁଚରିତାକୁ ଅନ୍ୟ ପଦରେ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇଥିବା ସୁଚରିତା ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ଛକାପଞ୍ଝା ମଧ୍ୟରେ ସୁଚରିତା ଏବେ ମାନସିକ ଚିନ୍ତାଗ୍ରସ୍ତ ରହିଥିବା ଜଣାପଡିଛି। ତାଙ୍କ ସହିତ ପଞ୍ଚାୟତବାସୀ ରହିଥିବା ବେଳେ ଏନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି। ଆଗାମୀ ଦିନରେ ପଞ୍ଚାୟତବାସୀ ଏନେଇ ବ୍ଲକ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଥିବା ଜାଣିବାକୁ ମିଳିଛି। ଅନ୍ୟପକ୍ଷରେ ଯୋଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅରୁଣିମା ସାହୁଙ୍କୁ ପଚାରିବାରୁ ତାଙ୍କ ଚୟନ ପ୍ରକ୍ରିୟାରେ ଅନିୟମିତତା ରହିଥିବା କହିବା ସହ ଏହି ଘଟଣା ବହୁତ ଉପର ପର୍ଯ୍ୟନ୍ତ ଯିବା ସହ ସେଥିରେ ତର୍ଜମା କରାଯାଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ରାସ୍ତାରେ ଓଲଟିଲା ହାଇୱା ଡାଲା



**ସୋସୋ/ହାଟଡ଼ିହୀ,୧୫।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅଣା-ବରାଙ୍ଗ ରାସ୍ତାର ବଡ଼ରମ୍ପାସ ଓ ଇଶଳା ମଧ୍ୟସ୍ଥଳୀରେ ଆଜି ସକାଳ ପ୍ରାୟ ୮ଟା ସମୟରେ ଏକ ୧୨ଚକିଆ ବାଲିବୋଝେଇ ହାଇୱା ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଡାଲା ଖସିଯାଇଥିଲା। ହାଇୱା ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲା ବେଳେ ହାଇୱା ର ସବୁତକ ବାଲି ରାସ୍ତାରେ ଢାଳି ହୋଇଯାଇଥିଲା। ଦୀର୍ଘ ସମୟ ଧରି ହାଇୱା ଟ୍ରକ୍‌ଟି ରାସ୍ତାରେ ଠିଆ ହୋଇରହିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ପରେ ହାଇୱା ଡାଲା ଉଠାଇବାରୁ ଯାନବାହନ ଚଳାଚଳରେ ସ୍ୱାଭାବିକ ହୋଇଥିବା ଜଣାଯାଇଛି।

## ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ଅସହ୍ୟ ହେଲାଣି ଜଳକଷ୍ଟ

# ଖପରାଖାଇରେ ମିଳୁନି ପିଇବା ପାଣି

**ଆନନ୍ଦପୁର,୧୫।୩(ସମିସ)**



ଆନନ୍ଦପୁର ସହରରେ ଏବେଠାରୁ ଜଳକଷ୍ଟ ଅସହ୍ୟ ହୋଇପଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଜଳଯୋଗାଣ କରାଯିବାକୁ ୱାଟକୋ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଥିବା ବେଳେ ଆନନ୍ଦପୁର ସହରାଞ୍ଚଳ ୱାଟକୋ କାର୍ଯ୍ୟାଳୟର ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁ ଜଳ ଯୋଗାଣରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ସେହିପରି ୧୩ନଂ ୱାର୍ଡର ଖପରାଖାଇ, ଜନାର୍ଦ୍ଦନପୁର ଶାସନ, ଜଅଁରା, ସୁଡୁସୁଡିଆ, ସିଂଘ ସାହି ଅଞ୍ଚଳରେ ପାନୀୟ ଜଳ କଷ୍ଟ ଅଞ୍ଚଳବାସୀଙ୍କୁ ଅତିଷ୍ଠ କଲାଣି। ସକାଳ ସମୟରେ ଦୁଇ ଘଣ୍ଟା ପାଣି ମନ୍ଥର ଗତିରେ ଆସୁଥିବା ବେଳେ ଅପରାହ୍ନରେ ମଧ୍ୟ ସମାନସ୍ଥିତି ରହୁଥିବାରୁ ନଦୀ ଓ ନଳକୂପର ଜଳ ସଂଗ୍ରହ କରିବା ପାଇଁ କେତେକ ଅଞ୍ଚଳବାସୀ ନାହିଁ ନଥିବା ହୀନସ୍ତା ହେଉଥିବା ଅଭିଯୋଗ ହୋଇଛି। ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ପିଇବା ପାଣି ପାଇଁ ଏପରି ପରିସ୍ଥିତି ଉପୁଜିଥିବାରୁ ଆଗକୁ ପରିସ୍ଥିତି ଅସହ୍ୟ ହୋଇପଡିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତ କିଛିଦିନ ହେବ ପାନୀୟ ଜଳ ସମସ୍ୟା ଲାଗିରହିଥିବା ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ ୱାଟକୋ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଣୁ ଜନସ୍ୱାସ୍ଥ୍ୟ ଜଳ ଯୋଗାଣ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# କାଠପଟା ସହ ଗାଡ଼ି ଜବତ



**ଚମ୍ପୁଆ,୧୫।୩(ସମିସ):** ଚମ୍ପୁଆ ରେଞ୍ଜର ତଥା ଏସିଏଫ୍ ଅକ୍ଷୟ ଛତ୍ରିଆଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ନରେନ୍ଦ୍ର କୁମାର ଜେନା ଓ ବନ ବିଭାଗର ଏକ ଟିମ୍ ଆଜି ଭୋରରେ ପାଟ୍ରୋଲିଂ କରୁଥିବା ବେଳେ ଚୋରାଚାଲାଣ ହେଉଥିବା କାଠ ଜବତ କରିଛନ୍ତି। ସ୍ଥାନୀୟ ଧରଣୀଧର ନଗର ଭବନ ନିକଟରେ ଏକ ଚୋରା ପଟା ବୋଝେଇ ଟାଟା ମେଜିକ ଗାଡ଼ିକୁ ସନ୍ଦେହରେ ଜବତ କରିଥିଲେ। ଓଡି-୦୯-ବି-୨୦୧୧ ଗାଡ଼ିରେ ୫୧ଖଣ୍ଡ କସି କାଠପଟା ଝାଡ଼ଖଣ୍ଡରୁ ଚମ୍ପୁଆ ଆସୁଥିଲା।୧୬ ସିଫ୍ଟର ଏହି କାଠପଟାର ଆନୁମାନିକ ମୂଲ୍ୟ ୨୫ ହଜାର ଟଙ୍କା ହେବ। ଖବର ପାଇ ଫରେଷ୍ଟରଙ୍କ ସମେତ ଫରେଷ୍ଟ ଗାର୍ଡ ଶ୍ରାବଣୀ ମହାନ୍ତ ଓ ସ୍କ୍ୱାର୍ଡ ଗାଡ଼ିକୁ ଜବଦ କରି ରେଞ୍ଜ ଅଫିସକୁ ଆଣିଥିଲେ। କିନ୍ତୁ ଗାଡ଼ିର ଡ୍ରାଇଭର ଟିମ୍‌କୁ ଦେଖି ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା। ବନ ବିଭାଗ ପକ୍ଷରୁ ୟୁଡି କେସ ନଂ ୧୩-ସିଏଚ୍/୨୦୨୪ରେ ଏକ ମାମଲା ରୁଜୁ କରାଯାଇଥିବା ରେଞ୍ଜର ଶ୍ରୀ ଛତ୍ରିଆ ପ୍ରକାଶ କରିଛନ୍ତି।

# ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସୋସୋ,୧୫।୩(ସମିସ):** ହାଟଡିହୀର ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଓମ୍‌କାର ଅନ୍ୱେଷ ଯୋଗଦାନ କରିବା ପରେ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ସିଆର୍‌ସିସିମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି ସମୟରେ ସିଆର୍‌ସିସି ଦେବାଶିଷ ବାରିକ, ସୁମନ୍ତ ନାୟକ, ଅଞ୍ଜନ ଦାସ, ନିହାର ସ୍ୱାଇଁ, ସୁଶାନ୍ତ ନାୟକ, ସୁଶାନ୍ତ ସ୍ୱାଇଁ, କେଶବ କର, ଆଲୋକ ଦାସ, ଗଦାଧର ଜେନା, ଆର୍ତ୍ତତ୍ରାଣ ଜେନା, ବିନୟ ଜେନା, ବୁଧଦେବ ରାଉତ, ବସନ୍ତ ନାୟକ, ଲକ୍ଷ୍ମଣ ମାଝୀ, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ସିଆର୍‌ସିସି ଉପସ୍ଥିତ ରହିଥିଲେ।

# ପାଣି ପଞ୍ଚାୟତ ପ୍ରତିନିଧିଙ୍କୁ ଆର୍ଥିକ ସହାୟତା ଦାବି

**ତେଲକୋଇ,୧୫।୩(ସମିସ):** ପାଣି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପାଣି ପଞ୍ଚାୟତ ପ୍ରତିନିଧିଙ୍କ ପକ୍ଷରୁ ଦାବି ହୋଇଛି। ଏହି ଅବସରରେ ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡା ପଞ୍ଚାୟତର ପାଣି ପଞ୍ଚାୟତ ସଭାପତି ଶରତ ଚନ୍ଦ୍ର ପହି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟ ମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନଙ୍କ ନିକଟକୁ ଏକ ଦାବିପତ୍ର ପ୍ରେରଣ କରିଛନ୍ତି।

## କାଳବୈଶାଖୀରେ ଉଡ଼ିଗଲା ଛପର

# ଅଳ୍ପକେ ବର୍ତ୍ତିଲେ ସ୍କୁଲ୍ କର୍ମଚାରୀ



**ହାଟଡ଼ିହୀ/ସୋସୋ,୧୫।୩(ସମିସ):** ଗତକାଲି କାଳବୈଶାଖୀ ବର୍ଷାରେ ହାଟଡିହୀ ବ୍ଲକ କଳିଗାଁ ପଞ୍ଚାୟତ କଇଥଗଡ଼ିଆସ୍ଥିତ ବାଞ୍ଛାନିଧି ଉଚ୍ଚମାଧ୍ୟମିକ ସଂସ୍କୃତ ବିଦ୍ୟାଳୟର ଛପର ଉଡ଼ିଯାଇଛି। ଉକ୍ତ ସ୍କୁଲ ଗୃହଟି ଦୀର୍ଘଦିନର ପୁରୁଣା ଗୃହ ହୋଇଥିଲା ବେଳେ ସାମାନ୍ୟ ପବନରେ ଘରର ଛପର ଉଡ଼ିଯାଇଛି। ପ୍ରାୟ ୧ମାସ ତଳେ ମରାମତି କାର୍ଯ୍ୟ ହୋଇଥିବା ବେଳେ ସମୁଦାୟ ଛପର ଉଡ଼ି ସମସ୍ତ ବିଦ୍ୟାଳୟ ଉପକରଣ ନଷ୍ଟ ହୋଇଥିବା ଜଣାଯାଇଛି। ତେବେ ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ହାଟଡିହୀ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟର ଏଭଳି ଭଗ୍ନ ଅବସ୍ଥାକୁ ଦେଖି ଦୁଃଖ ପ୍ରକାଶ କରିବା ସହ ଟିଣ ଖୋଲି ଛାତ ପକାଇବାକୁ ନିଷ୍ପତି ନେଇଥିବା ଜାଣିବାକୁ ମିଳିଛି। ଏହାସହ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଆଜି ସକାଳୁ ଯନ୍ତ୍ରୀ, ଏଇଇ ବିଦ୍ୟାଳୟରେ ପହଞ୍ଚି ଟିଣ ଛପର କିଭଳି ଉଡାଇ ନେଲା ତାହାର ସମୀକ୍ଷା କରିଥିଲେ।

# ପଣସକଠାକୁ କେନ୍ଦ୍ରକରି ନିସ୍ତୁକ ମାଡ଼, ଜଣେ ଗୁରୁତର



**ହାଟଡିହୀ/ସୋସୋ,୧୫।୩(ସମିସ):** କେନ୍ଦୁଝର ଜିଲ୍ଲା ସୋସୋ ଥାନା ଅଧୀନ ବାଲିବରେଇ ଗ୍ରାମରେ ପଣସ କଠାକୁ କେନ୍ଦ୍ରକରି ଜଣେ ଯୁବକକୁ ଗ୍ରାମର ୩ଜଣ ବ୍ୟକ୍ତି ମାଡ଼ ମାରି ଚେତାଶୂନ୍ୟ କରିଥିବା ଜଣାଯାଇଛି। ସୂଚନା ଅନୁସାରେ, ସାଳନ୍ଦୀ ନଦୀ କୂଳରେ ଥିବା ଜଳସମ୍ପଦ ବିଭାଗ ଅଧୀନସ୍ଥ ସ୍ଥାନରେ କିଛି ପଣସ ଗଛ ଥିବାରୁ ଗ୍ରାମର ଜୀବନାନନ୍ଦ ସାମଲ ଆଜି ସକାଳ ସମୟରେ ପଣସ ଗଛରୁ କଠା ଆଣିବା ପାଇଁ ସେଠାକୁ ଯାଇଥିଲେ। ଗ୍ରାମର ହରିନାଥ ଦିଅ ଓ ପରମାନନ୍ଦ ଦିଅ ଉକ୍ତ ଜଳସମ୍ପଦ ବିଭାଗର କିଛି ଜାଗାକୁ ନିଜ ଦଖଲରେ ରଖି ବାଡ଼ ବୁଜି ଚାଷବାସ କରୁଥିବା ନେଇ ଗ୍ରାମବାସୀ କହିଛନ୍ତି। କିନ୍ତୁ ଏବେ ସେ ଜାଗାରେ କୌଣସି ସୁରକ୍ଷାବାଡ଼ ନଥିବାରୁ ଖୋଲାମେଲାରେ ଗଛପତ୍ର ରହିଛି। ସେହି ସ୍ଥାନରୁ ଜୀବନାନନ୍ଦ ସାମଲ ପଣସ କଠା ଆଣୁଥିବା ବେଳେ ହରିନାଥ, ପରମାନନ୍ଦ ଓ ଗୋପିନାଥ ଦିଅ ବାରଣ କରିବା ସହ ଏ ଜାଗା ଆମର କହି ଦାବି କରିଥିଲେ। ଏଥିରେ ଦୁଇ ପକ୍ଷଙ୍କ ମଧ୍ୟରେ କଥା କଟାକଟି ଏବଂ ପରେ ହାତାହାତି ହେବାରୁ ବାପ, ପୁଅ ଓ ଦାଦା ୩ ଜଣ ମିଶି ନିସ୍ତୁକ ମାଡ଼ ମାରି ଚେତାଶୂନ୍ୟ କରିଦେଇଥିଲେ। ଏନେଇ ଜୀବନାନନ୍ଦଙ୍କ ପତ୍ନୀ ପୁଷ୍ପଲତା ସାମଲ ସ୍ୱାମୀକୁ ମାଡ଼ ମରାଯାଇଥିବା ଘଟଣାରେ ନ୍ୟାୟ ଭିକ୍ଷା କରି ସୋସୋ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ନିସ୍ତୁକ ମାଡ଼ର ଶିକାର ହୋଇ ଜୀବନାନନ୍ଦ ପ୍ରଥମେ ଆଗରପଡ଼ା ମେଡ଼ିକାଲ ଏବଂ ପରେ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ନେଇ ପରିବାର ପକ୍ଷରୁ ସୂଚନା ମିଳିଛି। ଅଭିଯୋଗକୁ ଭିତ୍ତି କରି ସୋସୋ ପୁଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଅଧିକ ତଥ୍ୟ ପାଇଁ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

# ଅଗ୍ନି ନିବାରଣ ସଚେତନତା ଶିବିର



**ଆନନ୍ଦପୁର,୧୫।୩(ସମିସ):** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ କାଠକଟା ବନବିଭାଗ କାର୍ଯ୍ୟାଳୟଠାରେ ବନାଞ୍ଚଳସ୍ତରୀୟ ଅଗ୍ନି ନିବାରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଙ୍ଗଲରେ କିପରି ନିଆଁ ନ ଲାଗିବ ଏବଂ ନିଆଁ ଲାଗିଲେ କିପରି ଆୟତ କରାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ହଦଗଡ ବନାଞ୍ଚଳ ଅଧିକାରୀ ମାର୍ଶଲ କିସ୍କୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ କୌଶଲ୍ୟା ସେଠୀ, ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ସହକାରୀ ବନ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ତୃପ୍ତିରେଖା ସାମଲ, ବିଶେଷ ଅତିଥି ଭାବେ କଣ୍ଟିପାଳ ସରପଞ୍ଚ ପଦ୍ମିନୀ ନାଏକ ଯୋଗ ଦେଇଥିବା ବେଳେ ହଦଗଡ଼ ଫରେଷ୍ଟର କେଦାର ପାତ୍ର, କାଠକଟା ଫରେଷ୍ଟର ଡମ୍ବରୁଧର ମହାନ୍ତ, ଫରେଷ୍ଟର ମନ୍ମଥ ସାହୁ, ଅମରେନ୍ଦ୍ର ନାଥ, ରଶ୍ମିରଞ୍ଜନ ରାଉତ, କମଳିନୀ ଜେନା, ଦିନେଶ ମାଝୀ ଯୋଗ ଦେବା ସହିତ ବିଜୟ କୁମାର ସା, ବିବେକାନନ୍ଦ ପଣ୍ଡା, ସନ୍ତୋଷ କୁମାର ସା ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ୧୫ଟି ବନ ସୁରକ୍ଷା ସମିତିର ସଦସ୍ୟ ସଦସ୍ୟାମାନେ ଯୋଗ ଦେଇ ବୈଠକରେ ନିଜର ମତାମତ ରଖିଥିଲେ।

# ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ୍




**ଆନନ୍ଦପୁର,୧୫।୩(ସମିସ):** ଆସନ୍ତା ୩୦ ତାରିଖରେ ହେବାକୁ ଥିବା ଆନନ୍ଦପୁର ଓକିଲ ସଂଘ ନିର୍ବାଚନ ପାଇଁ ଆଜି ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷହୋଇଛି। ଯାଞ୍ଚ ପରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ସଭାପତି ପଦରେ ଚିତ୍ତରଞ୍ଜନ ଦାଶ, ଦୟାନିଧି ଦାଶ ଓ କୁଳମଣୀ ସେଠୀ, ଉପସଭାପତି ପାଇଁ ହେମରଞ୍ଜନ ବେହେରା, ସମ୍ପାଦକ ପଦରେ ଭଗବାନ ମଲିକ, ଭୁବନେଶ୍ୱର ଜେନା, ଯୁଗ୍ମ ସମ୍ପାଦକ ପଦ ପାଇଁ ପ୍ରଦୀପ କୁମାର ଜେନା, କୋଷାଧ୍ୟକ୍ଷ ପଦ ପାଇଁ ଅମୀୟ ଭୂଷଣ ଜେନା, ଅଶୋକ କୁମାର ରାଉଳ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଜୁମର ସିଂ ମହାନ୍ତି, ଶୈଳେଶ ପଟ୍ଟନାୟକ, କହ୍ନେଇ ଚରଣ ସାହୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ରାମଚନ୍ଦ୍ର ପାତ୍ର ଓ ସହକାରୀ ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କଠାରୁ ସୂଚନା ମିଳିଛି। ବିଜ୍ଞପ୍ତି ଅନୁଯାୟୀ ୧୮୪ ସଦସ୍ୟ ବିଶିଷ୍ଟ ଆନନ୍ଦପୁର ଓକିଲ ସଂଘର ନିର୍ବାଚନ ପାଇଁ ଆସନ୍ତା ୧୬ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୧୮ରେ ଚୂଡ଼ାନ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କ ତାଲିକା ପ୍ରକାଶ ପାଇବ। ୩୦ ତାରିଖ ସକାଳ ୮ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ, ବିଭିନ୍ନ ପଦପଦବୀ ପାଇଁ ୨୩ ଜଣ ପ୍ରାର୍ଥିପତ୍ର ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧ଟି ପ୍ରାର୍ଥିପତ୍ର ନିର୍ବାଚନ କାର୍ଯ୍ୟାଳୟରେ ଦାଖଲ ହୋଇଥିଲା।

# କୋଇଲା ଗୁଣ୍ଡ ପାଇଁ ଅସ୍ତବ୍ୟସ୍ତ ବଡ଼ବିଲବାସୀ




**ବଡ଼ବିଲ,୧୫।୩(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ବଡ଼ବିଲ ପୌରାଞ୍ଚଳବାସୀ କିଛି ଦିନ ହେବ କୋଇଲା ଗୁଣ୍ଡ ପାଇଁ ନାହିଁନଥିବା ହଇରାଣ ହେଉଥିବା ଜଣାପଡିଛି। ବଡ଼ବିଲ ରେଳ ସାଇଡିଂ ଠାରୁ ଟ୍ରକ୍ ଯୋଗେ ବିଭିନ୍ନ କାରଖାନାକୁ ପରିବହନ ହେଉଥିବା କୋଇଲା ଗୁଣ୍ଡ ଉଡି ପରିବେଶ ଦୂଷିତ କରୁଛି। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରି ସହର ମଧ୍ୟରେ ଭାରୀଯାନ ଗୁଡ଼ିକ ଓଭରଲୋଡ୍ କରି ବିନା ପାଲ ଢାଙ୍କି ଖଣିଜ ପରିବହନ କରିବାରୁ ରାସ୍ତାରେ କୋଇଲା ଗୁଣ୍ଡ, ଲୁହାପଥର ଗୁଣ୍ଡ ଉଡ଼ି ପଡ଼ିବା ଯୋଗୁଁ ବାୟୁ ପ୍ରଦୂଷଣ ହେଉଛି।

ଡାଲା କ୍ଷମତାଠାରୁ ଅଧିକ ଓ ବିନା ପାଲ ଘୋଡେଇ ଶ୍ରୀଗଣେଶ ଲଜେଷ୍ଟିକ ପରିବହନ ସଂସ୍ଥା ଦ୍ୱାରା ପରିବହନ ହେଉଥିବା ଅଭିଯୋଗ ହେଉଛି। ତେବେ ଏହା ଉପରେ ଅଙ୍କୁଶ ଲଗାଇବାକୁ ଆଜି ଜିଲ୍ଲା ପରିବହନ ଅଧିକାରୀ ଓ ଖଣି ଉପନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି ବଡ଼ବିଲ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱଜିତ ରାୟ। ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ପରିବହନ ଅଧିକାରୀ, ଖଣି ଉପନିର୍ଦ୍ଦେଶକଙ୍କ ସମେତ ଜିଲ୍ଲାପାଳ ଓ ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଚିଠି କରିଛନ୍ତି।

# କଳାବ୍ୟାଜ୍ ପିନ୍ଧି ସାମ୍ବାଦିକଙ୍କ ପ୍ରତିବାଦ




**ବଡ଼ବିଲ,୧୫।୩(ସମିସ):** ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ର ଆହ୍ୱାନ କ୍ରମେ ଆଜି ସାରା ଓଡ଼ିଶାରେ ସାମ୍ବାଦିକମାନଙ୍କ ସୁରକ୍ଷା, ସାମାଜିକ ନିରାପତ୍ତା, ପେନ୍‌ସନ ଓ ଦଶ ଦଫା ଦାବିରେ ବଡ଼ବିଲ (ଓୟୁଜେ) ଶାଖା ପକ୍ଷରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରାଯାଇଛି। ପ୍ରତିବାଦ ସ୍ୱରୂପ ଏକ ଶୋଭାଯାତ୍ରାରେ ଆସି ବଡ଼ବିଲ ତହସିଲ କାର୍ଯ୍ୟାଳୟସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟପର୍ଣର୍ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଓୟୁଜେ ବଡ଼ବିଲ ଶାଖା ସଦସ୍ୟ ସୁବୋଧ ଦାସ, ମଧୁସୂଦନ ସାହୁ, ବଳରାମ ମହାନ୍ତି, ଶାନ୍ତନୁ କୁମାର ଦାଶ, ଦେବକାନ୍ତ ଦାସ, ଅଜୟ ଗିରି, ମକରଧ୍ୱଜ ବାଗ, ଅଶୋକ କୁମାର ମହାନ୍ତ, ଅଂଶୁମାନ ପ୍ରଧାନ, ଡିମ୍ପଲ ସାଣ୍ଡିଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜ୍ୟୋତିର୍ବିଦ୍‌ଙ୍କୁ ମଣିଶଙ୍କର ସମ୍ମାନ



**ଆନନ୍ଦପୁର,୧୫।୩(ସମିସ):** ଭଦ୍ରକ ଆରଡ଼ି ବାବା ଆଖଣ୍ଡଳମଣିଙ୍କ ପୀଠରେ ଜାଗର ଯାତ୍ରା ଅବସରରେ ମଣିଶଙ୍କର ସେବା ସଂଗଠନ ପକ୍ଷରୁ ଆୟୋଜିତ ମହୋତ୍ସବରେ ଆନନ୍ଦପୁରର ବିଶିଷ୍ଟ ଜ୍ୟୋତିର୍ବିତ୍ ଡ. ବିଷ୍ଣୁପ୍ରସାଦ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୋଲକାତା ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ, ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ର, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ ଆନନ୍ଦପୁର ମାଟିର ଶ୍ରୀ ଗୁରୁଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଗୁରୁ ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରେ ଅତିଥି ଭାବେ ଯୋଗ ଦେଇ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁଶାସ୍ତ୍ର ଓ ଜଗନ୍ନାଥ ସଂସ୍କୃତି ଉପରେ ଗବେଷଣା କରି ସନାତନ ଧର୍ମର ଜଣେ ପ୍ରବକ୍ତା ଭାବେ ବେଶ୍ ପରିଚୟ ଲାଭ କରିଛନ୍ତି।

# କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ସ୍ୱର୍ଣ୍ଣ ବିଜୟିନୀ ହେଲେ ଅର୍ପିତା



**ଆନନ୍ଦପୁର,୧୫।୩(ସମିସ):** ଆନନ୍ଦପୁର ବ୍ଲକ ଧକୋଠା ଗ୍ରାମର ନରେନ୍ଦ୍ର କୁମାର ସାହୁ ଓ ମିତାରାଣୀ ସାହୁଙ୍କ ଏକମାତ୍ର କନ୍ୟା ସୁଶ୍ରି ଅର୍ପିତା ଇତି ସୌଭାଗ୍ୟବତୀ ସାହୁ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଉଚ୍ଚ ସ୍ନାତକୋତ୍ତର ଶିକ୍ଷାଲାଭ କରି ଶ୍ରେଷ୍ଠ ୧୦୦ ଜଣଙ୍କ ମଧ୍ୟରେ ୩୫ ତମ ସ୍ଥାନ ହାସଲ କରି ନିଜ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ସୃଷ୍ଟି କରିପାରିଛନ୍ତି। ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ସମ୍ମାନିତ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀନିବାସ ବରଖେଡିଙ୍କ ଠାରୁ ଅର୍ପିତା ସ୍ୱର୍ଣ୍ଣପଦକ ଓ ମାନପତ୍ର ଗ୍ରହଣ କରିଥିଲେ। ଅର୍ପିତା ପୁରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କର ଏହି କୃତିତ୍ୱରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଖୁସି ବ୍ୟକ୍ତ କରିବା ସହିତ ପରିବାର, ବନ୍ଧୁ ପରିଜନ, ସାଙ୍ଗସାଥୀଙ୍କ ଠାରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

**ସବୁଥିରୁ ବଞ୍ଚିତ କାଳିଆ**

# ପର ଓଳିରେ ପଡ଼ିପଡ଼ି ଗଲା ଜୀବନ

**ହାଟଡିହୀ,୧୫।୩(ସମିସ)**



କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଢେଙ୍କା ପଞ୍ଚାୟତ ରାଇପଟି ଗ୍ରାମର କାଳିଆ ସେନାପତି(୨୮)ଙ୍କ ଭାଗ୍ୟରେ ନାହିଁ ସହାୟତା। ବିଚରା କାଳିଆ ଛୋଟ ବେଳେ ବାପା-ମାଆଙ୍କୁ ହରାଇ ବେସାହାରା ହୋଇପଡ଼ିଥିଲା। ନିଜେ ବଞ୍ଚି ରହିବାର ରାହା ଖୋଜି ସଂଘର୍ଷ କରୁଥିଲା ବେଳେ ଭାଗ୍ୟ ଦାଉ ସାଧିଲା ପରି ଯୁବାବସ୍ଥାରେ ମାଡ଼ି ବସିଥିଲା ଯକ୍ଷ୍ମାରୋଗ। ନିଜର ପରିଚୟ ହରାଇଥିବା କାଳିଆ ସେନାପତିର ନା ଥିଲା ଭୋଟର କାର୍ଡ, ନା ଆଧାର କାର୍ଡ; ନା ରାସନ୍ କାର୍ଡ, ନା ମୁଣ୍ଡ ଗୁଞ୍ଜିବାକୁ କାଳିଆ ପାଇଁ ଖଣ୍ଡେ ବାସଗୃହ। ପରିଚୟ ପତ୍ର ଅଭାବରୁ କାଳିଆ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରିନାହିଁ। ଦୀର୍ଘମାସ ଧରି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇ କାଳିଆ ରୋଗାଗ୍ରସ୍ତ ହୋଇପଡ଼ିଥିଲା ବେଳେ ଦେହ ଦୁର୍ବଳ ଯୋଗୁଁ ସେ କାମଧନ୍ଦା ମଧ୍ୟ କରିପାରୁନଥିଲା। ମୁଣ୍ଡ ଗୁଞ୍ଜିବାକୁ କାଳିଆ ଭାଗ୍ୟରେ ଘରଟିଏ ନଥିବାରୁ ପର ଓଳି, ସ୍କୁଲ ବାରଣ୍ଡା, ମନ୍ଦିର ଅଗଣା, ଦୋକାନ ଚାଳି ଭଳି ସ୍ଥାନମାନଙ୍କରେ ନିଜକୁ ଆଶ୍ରିତ କରୁଥିଲା। ପୂର୍ବତନ ଢେଙ୍କା ସରପଞ୍ଚ ସ୍ୱର୍ଗତଃ ନିମାଇଁ ସାମଲଙ୍କ ସାନଭାଇ ତଥା ଯୁବ ସମାଜସେବୀ ଶେଷଦେବ ସାମଲ ବିଭିନ୍ନ ସମୟରେ କାଳିଆର ଭଲମନ୍ଦ କଥା ବୁଝୁଥିଲେ। ଏପରିକି କାଳିଆର ଚିକିତ୍ସା ନିମନ୍ତେ ଶେଷଦେବଙ୍କ ସହିତ ଗାଁର କିଛି ସହୃଦୟ ବ୍ୟକ୍ତି ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ କରି ବହୁଦିନ ଧରି କାଳିଆକୁ ବଞ୍ଚାଇ ରଖିଥିଲେ। ସ୍ୱାସ୍ଥ୍ୟକାର୍ଡ ଅଭାବରୁ ଉନ୍ନତମାନର ଚିକିତ୍ସା ନପାଇ ବୁଧବାର ଅପରାହ୍ନ ପ୍ରାୟ ୩ଟା ସମୟରେ କାଳିଆର ଅକାଳ ବିୟୋଗ ଘଟିଛି। ଏଭଳି କରୁଣ ଘଟଣାକୁ ନେଇ ଅଞ୍ଚଳରେ ଦୁଃଖର ଲହରୀ ଖେଳିଯାଇଥିଲା ବେଳେ ଗ୍ରାମବାସୀଙ୍କ ସହଯୋଗ କ୍ରମେ କାଳିଆର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେହିପରି କାଳିଆମ୍ବ ଗ୍ରାମର ୭୦ବର୍ଷୀୟା ପ୍ରମିଳା ନାଏକଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ହୋଇପଡ଼ିଛି। ସ୍ୱାମୀ ଯୋଗେନ୍ଦ୍ର ନାଏକ ଓ ରୋଜଗାରିଆ ଏକମାତ୍ର ପୁଅ ସୁରେଶ ନାଏକକୁ ହରାଇ ପ୍ରମିଳା ସମ୍ପୂର୍ଣ୍ଣ ଅସହାୟ ଓ ନିରାଶ୍ରୟ ହୋଇଯାଇଛନ୍ତି। ପୂର୍ବେ ଅନ୍ନପୂର୍ଣ୍ଣା ଯୋଜନାରୁ ପ୍ରମିଳାଙ୍କୁ ମାସକୁ ୧୦କିଲୋ ଚାଉଳ ମିଳୁଥିଲା। ଯୋଜନାଟି ଆଜକୁ ୧ବର୍ଷ ହେବ ବନ୍ଦ ହୋଇଯିବାରୁ ପେଟକୁ ମୁଠାଏ ଦାନା ଯୋଗାଡ଼ କରିବାକୁ ଯାଇ ପ୍ରମିଳା ବାରଦୁଆର ବୁଲି ଭିକ ମାଗି ଚଳୁଛନ୍ତି। ଏଭଳି ଘଟଣା ଉପରେ ଉପଖଣ୍ଡ ସହ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କଲେ ଅନାହାରରେ ଦିନ କାଟୁଥିବା ଗରିବ ଓ ଅସହାୟମାନେ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ କୁହାଯାଇଛି।

